ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25. No.300 Bhubaneswar Monday January 16, 2023 ୨୫ତମ ବର୍ଷ ସଂଖ୍ୟା-୩୦୦ ଭୁବନେଶ୍ୱର, ସୋମବାର, ଜାନୁଆରୀ ୧୬,୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ବିମାନ କ୍ରାଶ, ୭୨ ଯାତ୍ରୀ ମୃତ



**ନୂଆଦିଲ୍ଲୀ(ପିଏନ):** ରବିବାର ୭୨ ଜଣଙ୍କୁ ନେଇ ଯାଉଥିବା ଏକ ଯାତ୍ରୀବାହୀ ବିମାନ ATR-72 ନେପାଳର ପୋଖରାଠାରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ଥିବା ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ଏହି ବିମାନ କାଠମାଣ୍ଡୁରୁ ପୋଖରା ଅଭିମୁଖେ ଯାତ୍ରା କରୁଥିଲା । ବିମାନଟି ଆଜି ସକାଳ ୧୦ଟା ୩୦ରେ ତ୍ରିବୁଭନ୍ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡାଣ ଭରିଥିଲା । ବିମାନଟି ଅବତରଣ କରିବାର ଦଶ ସେକେଣ୍ଡ ପୂର୍ବରୁ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ତେବେ ବିମାନରେ ଥିବା ସମସ୍ତଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ବିମାନଟି ପୁରୁଣା ଡୋମେଷ୍ଟିକ୍ ଏୟାରପୋର୍ଟ ଏବଂ ଏବଂ ପୋଖରା ଅନ୍ତର୍ଜାତୀୟ ବିମାନବନ୍ଦର ମଧ୍ୟରେ ପ୍ରବାହିତ ସେଟି ଗଣ୍ଡକି ନଦୀ କୂଳରେ ଅବସ୍ଥିତ ଜଙ୍ଗଲ ଜମିରେ ଖସିପଡିଥିଲା । ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇ ନିଆଁ ଲାଗିଯାଇଥିଲା । ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାରୀ ଦଳ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ସେଥିରେ ଆଉ କୌଣସି ଯାତ୍ରୀ ଜୀବିତ ନଥିବା ଜଣାପଡିଛି । ବିମାନରେ ୧୧ ଜଣ ବିଦେଶୀ ଯାତ୍ରୀ ଏବଂ ସେମାନଙ୍କ ମଧ୍ୟରେ ତିନିଜଣ ଶିଶୁ ଥିଲେ । ବିମାନ ବନ୍ଦର କର୍ତ୍ତୃପକ୍ଷ କହିଛନ୍ତି ଏଥିରେ ୫୩ ଜଣ ନେପାଳୀ, ୫ ଜଣ ଭାରତୀୟ, ୪ ଜଣ ଋଷୀୟ, ଜଣେ ଇଂଲଣ୍ଡ ନାଗରିକ, ୨ଜଣ କୋରିଆ, ଜଣେ ଆର୍ଜେଣ୍ଟିନା ଏବଂ ଜଣେ ଫ୍ରାନ୍ସ ନାଗରିକ ଥିଲେ । ପୋଖରା ବିମାନ ବନ୍ଦରରେ ଯାତ୍ରୀବାହୀ ବିମାନ ଦୁର୍ଘଟଣା ପରେ ସରକାର କ୍ୟାବିନେଟର ଜରୁରୀ ବୈଠକ ଡାକିଛନ୍ତି ।

ଏହା ଏକ ATR 72 ବିମାନ ଟର୍ବୋ ଥିଲା, ଯାହା ସର୍ବାଧିକ ଘଣ୍ଟାକୁ ୫୦୦ କିଲୋମିଟର ବେଗରେ ଗତି କରିପାରିବ । ଏହି ଧରଣ ବିମାନ ଗୁଡିକ କମ୍ ଉଚ୍ଚତାରେ ଉଡ଼ିବା ପାଇଁ ପ୍ରସ୍ତୁତ କରାଯାଇଛିଛି । ତେବେ ଘଟଣାର ଯାଞ୍ଚ କରାଯିବ ବୋଲି ନେପାଳ ବିମାନ ଚଳାଚଳ କର୍ତ୍ତୃପକ୍ଷ କହିଛନ୍ତି । ବୈଷୟିକ ତ୍ରୁଟି ଯୋଗୁଁ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା କଥା ନେପାଳ ବିମାନବନ୍ଦର କର୍ତ୍ତୃପକ୍ଷର ଅଧିକାରୀମାନେ କହିଛନ୍ତି । ଅବତରଣ କରାଇବା ପାଇଁ ପାଇଲଟ୍ 'ଏୟାର୍ ଟ୍ରାଫିକ୍ କଣ୍ଟ୍ରୋଲ୍'ଙ୍କୁ ଅନୁମତି ମାଗିଥିଲେ ଏବଂ ସେଥିପାଇଁ ଅନୁମତି ପାଇଥିଲେ ମଧ୍ୟ ।



ଭୁବନେଶ୍ୱର ସ୍ଥିତ ପ୍ରଦର୍ଶନୀ ପଡିଆରେ ଡଟ୍ ଫେଷ୍ଟ-୨୦୨୩କୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

# ମହିଳା କ୍ରିକେଟର ରାଜଶ୍ରୀ ସ୍ୱାଇଁ ମୃତ୍ୟୁ ପାଇଁ ଓସିଏ, ମୁଖ୍ୟମନ୍ତ୍ରୀ ଓ କ୍ରୀଡା ମନ୍ତ୍ରୀ ଦାୟୀ: ବିଜେପି

**ଭୁବନେଶ୍ୱର,(ପିଏନ)-** ମହିଳା କ୍ରିକେଟର ରାଜଶ୍ରୀ ସ୍ୱାଇଁ ମୃତ୍ୟୁ ଘଟଣାରେ ଓଡିଶା କ୍ରିକେଟ୍ ଆସୋସିଏସନ୍(ଓସିଏ) ସହ ମୁଖ୍ୟମନ୍ତ୍ରୀ ଓ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ଦାୟୀ କରିଛି ବିଜେପି ମହିଳା ମୋର୍ଚ୍ଚା । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ପ୍ରଶ୍ନ କରିଛନ୍ତି କାହିଁକି ରାଜଶ୍ରୀଙ୍କ ନିଖୋଜର ୨ ଦିନ ପରେ ବି ପରିବାର କି ପୁଲିସକୁ ଜଣାଇଲାନି ଓସିଏ । ସେ ଦାୟିତ୍ୱ କାହାର । ସେହିପରି ଗୋଟେ ପଟେ ହକି ମହାକୁମ୍ଭ ହୋଇ ନୂଆ ଖେଳ ପ୍ରତିଭାକୁ ସରକାର ଅନ୍ୱେଷଣ କରୁଛନ୍ତି ତ ଅନ୍ୟପଟେ ଗୋଟେ ପ୍ରତିଭାବାନ ଖେଳାଳି ନିଜ ହକ ନପାଇ ମୃତ୍ୟୁବରଣ କରୁଛି ।ସେ ଆହୁରି କହିଛନ୍ତି, ବାରମ୍ବାର ମହିଳାଙ୍କୁ ସମ୍ମାନ କଥା କହୁଥିବା ସରକାର ସବୁବେଳେ ମହିଳାଙ୍କ ଘଟଣାରେ ନିଜର ନିରବତା ପ୍ରଦର୍ଶନ କରି ଅନ୍ୟାୟ କରୁଛନ୍ତି । ଯିଏ ସ୍ୱର ଉଠାଉଛି ତାଙ୍କୁ କବର ଦେଉଛନ୍ତି ସରକାର । ଅନ୍ୟପଟେ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଉପରେ ସାଙ୍ଘାତିକ ଅଭିଯୋଗ କରିଛି ବିଜେପି ମହିଳା ମୋର୍ଚ୍ଚା । ରାଜଶ୍ରୀଙ୍କ ପଞ୍ଚାୟତ ହେଉଛି ବଡ଼ଗାଁ । ସେହି ପଞ୍ଚାୟତରେ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଘର । ବହୁଥର ପରିବାର ଲୋକେ ରାଜଶ୍ରୀଙ୍କୁ ପ୍ରୋତ୍ସାହନ ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି , କିନ୍ତୁ ମନ୍ତ୍ରୀ କାହାରି କଥା ବି ଶୁଣିନଥିବା ପରିବାର ଲୋକେ କହିଛନ୍ତି । ଏପରିକି ରାଜଶ୍ରୀଙ୍କ ନିଖୋଜ ପରେ ମଧ୍ୟ ପରିବାର ଲୋକେ ମନ୍ତ୍ରୀ ତୁଷାରକାନ୍ତିଙ୍କୁ ଫୋନ ଯୋଗେ କହିଥିଲେ ମଧ୍ୟ – ହକିରେ ବ୍ୟସ୍ତ ଅଛି କହି ମନ୍ତ୍ରୀ ଫୋନ କରିଥିବା ପରିବାର ଲୋକେ କହିଛନ୍ତି । ଏ କଣ ରାଜ୍ୟ ସରକାରଙ୍କ ମହିଳାଙ୍କୁ ସମ୍ମାନ ଏବଂ ଖେଳ ଆଉ ଖେଳାଳୀଙ୍କୁ ପ୍ରୋତ୍ସାହନ ? ଗତକାଲି ଓସିଏ ଏବଂ ରାଜଶ୍ରୀଙ୍କ ଘରକୁ ଯାଇ ଘଟଣା ସଂପର୍କରେ ଅନୁଧ୍ୟାନ ପରେ ସାମ୍ବାଦିକ ସମ୍ମିଳନୀ କରି ଏହି ଅଭିଯୋଗ ଆଣିଛି ବିଜେପି ମହିଳା ମୋର୍ଚ୍ଚା । ରାଜଶ୍ରୀ କ୍ରୀଡା ମନ୍ତ୍ରୀଙ୍କ ନିଜ ପଞ୍ଚାୟତର ଝିଅ ହୋଇଥିଲେ ମଧ୍ୟ ଏବେ ସୁଦ୍ଧା ମନ୍ତ୍ରୀ ତାଙ୍କ ଘରକୁ ଗଲେନି କି ସମବେଦନା ଜଣାଇଲେନି । ଏଥିରୁ ସ୍ପଷ୍ଟ ରାଜ୍ୟ ସରକାର ମହିଳା ବିରୋଧୀ ସରକାର ଏବଂ ସମ୍ବେଦନହୀନ ସରକାର । ମହିଳା ପ୍ରସଙ୍ଗ ଆସିଲେ ସରକାର ଧଳା ଚାଦର ଘୋଡାଉଛନ୍ତି । ତେଣୁ ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା ବିଜେପି ।



# ୧୧ ଦିନ ପରେ ଖୋଲିଲା ଭିତରକନିକା ଜାତୀୟ ଉଦ୍ୟାନ: ପର୍ଯ୍ୟଟକଙ୍କ ଗହଳି

**ରାଜନଗର/ବନ୍ତଲା,(ପିଏନ) :** ଆଜିଠାରୁ ଖୋଲିଛି ଭିତରକନିକା ଜାତୀୟ ଉଦ୍ୟାନ । ଦୀର୍ଘ ୧୧ ଦିନ ଧରି ଏଠାରେ କୁମ୍ଭୀର ଗଣନା ଚାଲିଥିବାରୁ ଏହା ବନ୍ଦ ଥିଲା । ଗତ ୪ରୁ ୧୪ ତାରିଖ ଯାଏ କୁମ୍ଭୀର ଗଣନା ଚାଲିଥିଲା । ଆଜି ସକାଳୁ ଭିତରକନିକା ଜାତୀୟ ଉଦ୍ୟାନରେ ଲୋକଙ୍କ ଭିଡ ପରିଲକ୍ଷିତ ହେଲାଣି । ଆଜି ସକାଳ ୭ଟା ବେଳେ ଭିତରକନିକା ଜାତୀୟ ଉଦ୍ୟାନ ଖୋଲିଛି । ଏହାକୁ ନେଇ ପର୍ଯ୍ୟଟକଙ୍କ ମହଲରେ ଖୁସି ଦେଖିବାକୁ ମିଳିଛି । ଏଥର ସେମାନେ ଅଧିକସଂଖ୍ୟକ କୁମ୍ଭୀର ଦେଖିବାକୁ ପାଇବେ ପର୍ଯ୍ୟଟକ । ଉଲ୍ଲେଖଯୋଗ୍ୟ, ବଉଳାକୁମ୍ଭୀରଙ୍କ ଭୂସ୍ୱର୍ଗ ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତବର୍ଷ କୁମ୍ଭୀର ସଂଖ୍ୟା ବୃଦ୍ଧି ପାଇଛି । ଗତବର୍ଷ ଭିତରକନିକା ମଧ୍ୟରେ ଓ ବାହାରେ ଥିବା ନଦୀ, ନାଳଗୁଡିକରେ ୧୭୮୪ ଟି ବଉଳା କୁମ୍ଭୀର ଥିବାବେଳେ ଏ ବର୍ଷ ଏହି ସଂଖ୍ୟା ୧୭୯୩କୁ ବୃଦ୍ଧିପାଇଛି । ସେହିଭଳି, ସାତକୋଶିଆରେ ଚଳିତ ବର୍ଷ ବନ୍ୟପ୍ରାଣୀ ମୋଟ୍ ୯୦ଟି କୁମ୍ଭୀର ରହିଛନ୍ତି । ଚଳିତ ମାସ ୯ ତାରିଖରୁ ୧୨ ତାରିଖ ଯାଏ ୪ ଦିନ ଧରି ଏହି କୁମ୍ଭୀର ଗଣନା କରାଯାଇଥିଲା । ବରିଷ୍ଠ ଜୀବ ବିଜ୍ଞାନୀ, ଗବେଷକ, କୁମ୍ଭୀର ବିଶାରଦ ଡଃ.ସୁଧାକର କରଙ୍କ ନେତୃତ୍ୱରେ ୨୨ଟି ଟିମ୍ କୁମ୍ଭୀର ଗଣନା କରିଥିଲେ । ଚଳିତବର୍ଷ ଭିତରକନିକାରେ କନିକା ରେଞ୍ଜର ପାଟଶାଳା ମାଉଥ୍‌ରୁ ଏଫଆରଏଚ୍ ଜେଠି ମଧ୍ୟରେ ୨ଟି, ଏଫଆରଏଚ୍ ଜେଠିରୁ ଖୋଲା ମାଉଥ ମଧ୍ୟରେ ଗୋଟିଏ, ଗୁପ୍ତିରୁ ହଂସିଣା ମଧ୍ୟରେ ଗୋଟିଏ ୨୦ଫୁଟରୁ ଅଧିକ ଲମ୍ବର ବଉଳା କୁମ୍ଭୀରକୁ ବନବିଭାଗ ଗଣନା ଟିମ୍ ଠାବ କରିଛି । ଏହି କୁମ୍ଭୀରମାନଙ୍କ ବୟସ ୧୦୦ରୁ ୧୨୦ ବର୍ଷ ହେବ ବୋଲି ଜଣାପଡିଛି । ସେହିଭଳି, ସାତକୋଶିଆରେ ଠାବ ହୋଇଥିବା କୁମ୍ଭୀର ମଧ୍ୟରୁ ୮୩ଟି ମଗର ଓ ୭ଟି ଘଡିଆଳ ବୋଲି ଜଣାପଡିଛି ।

# ଭାରତବର୍ଷରେ ଉତ୍ପାଦିତ ସ୍ଥାନୀୟ କୃଷି ସାମଗ୍ରୀକୁ ବିଶ୍ୱ ବଜାରରେ ପହଞ୍ଚାଇବା : ଧର୍ମେନ୍ଦ୍ର ପ୍ରଧାନ



**କୋଲକାତା,(ପିଏନ)-** ସମଗ୍ର ଭାରତବର୍ଷରେ ଉତ୍ପାଦିତ ହେଉଥିବା ସ୍ଥାନୀୟ କୃଷି ସାମଗ୍ରୀକୁ ବିଶ୍ୱ ବଜାରରେ ପହଞ୍ଚାଇବାକୁ ପଡିବ ବୋଲି ରବିବାର କୋଲକାତାରେ ଗ୍ରାମ ସମୃଦ୍ଧି ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଚାଷୀଙ୍କ ଉନ୍ନତି ସମ୍ପର୍କୀତ ଏକ କନକ୍ଲେଭରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । "ପରିବେଶ ସୁରକ୍ଷା ଏବଂ ଚାଷୀଙ୍କ ଉନ୍ନତି ପାଇଁ ଫଳ ବୃକ୍ଷରୋପଣ" କନକ୍ଲେଭରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆମ ଭାରତବର୍ଷରେ ଉତ୍ପାଦିତ ହେଉଥିବା କୃଷିଜାତ ସାମଗ୍ରୀକୁ ବିଶ୍ୱ ବଜାରରେ ପହଞ୍ଚାଇବା ପାଇଁ ସମସ୍ତେ ଉଦ୍ୟମ କରିବା ଦରକାର । ଏହା ଦ୍ୱାରା କୃଷି ଖାଦ୍ୟ ପ୍ରକ୍ରିୟାକରଣ ତଥା କୃଷି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିବ । ସେହିପରି ଦେଶରେ ଚାଷ କାମକୁ ସରଳ କରିବା ପାଇଁ ଡ୍ରୋନ ପଦ୍ଧତି ସହ ନୂଆ ନୂଆ ଟେକ୍ନୋଲୋଜି ତିଆରି ହୋଇଛି । ତେଣୁ ବର୍ତ୍ତମାନ ସମୟରେ ଚାଷୀଙ୍କ ଆତ୍ମବିଶ୍ୱାସ ବଢାଇବା ଦରକାର । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରାଯିବା ନେଇ ବୟାନ ନେଇ ଗଣମାଧ୍ୟମ ପ୍ରଶ୍ନରେ ସେ କହିଛନ୍ତି ଗଣତନ୍ତ୍ରରେ ସମସ୍ତେ ନିଜ ନିଜ ମତ ରଖିପାରିବେ । ଦେଶରେ ପ୍ରଧାନମନ୍ତ୍ରୀ ପାଇଁ କୌଣସି ପଦବୀ ଖାଲି ନାହିଁ । ଦେଶର ନାଗରିକମାନେ ଦୁଇ ଦୁଇ ଥର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଆସ୍ଥାପ୍ରକଟ କରିଛନ୍ତି । ଗରିବ, ମହିଳା, ପଛୁଆ, ବଞ୍ଚିତ ବର୍ଗ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପ୍ରଧାନମନ୍ତ୍ରୀର ଦାୟିତ୍ୱ ଦେଇଛନ୍ତି । ୨୦୨୪ରେ ମଧ୍ୟ ଏନଡିଏର ବିଜୟ ହେବ ଏବଂ ଲୋକମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଦେଶର ଦାୟିତ୍ୱ ଦେବେ, ଏହା ନିଃସନ୍ଦେହ ।ସେହିପରି ପଶ୍ଚିମବଙ୍ଗରେ ଲୋକସଭା ପ୍ରବାସର ଦ୍ୱିତୀୟ ଦିନରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପଶ୍ଚିମବଙ୍ଗର ଯାଦବପୁର ଓ ସୋନାରପୁର ଉତ୍ତର ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକର୍ତ୍ତାଙ୍କ ସାଂଗଠନିକ ବୈଠକରେ ଯୋଗ ଦେଇଥିଲେ । ସାଂଗଠନିକ ବୈଠକରେ ଲୋକସଭା ପ୍ରବାସ କମିଟି ସଦସ୍ୟ, ଜିଲ୍ଲା ପ୍ରଭାରୀ, ମୋର୍ଚ୍ଚା ସଭାପତି, ବିଧାନସଭା କ୍ଷେତ୍ରର ପ୍ରଭାରୀ, ଆବାହକ ଏବଂ ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ମାନଙ୍କ ସହ ବୈଠକରେ ଯୋଗଦେଇଥିଲେ । ଯାଦବପୁର ଲୋକସଭା କ୍ଷେତ୍ରର କାର୍ଯ୍ୟକର୍ତ୍ତା ବିଶ୍ୱଜିତ ମଣ୍ଡଳଙ୍କ ଘରେ ମଧ୍ୟାହ୍ନ ଭୋଜନ କରିଥିଲେ । 'ପୂର୍ବୋଦୟ' ସେମିନାରରେ ପୂର୍ବ ଭାରତର ବିକାଶ କଥା କହିଥିଲେ । ଏହାବ୍ୟତିତ ରାଧାନଗର, ଦକ୍ଷୀଣ ୨୪ ପରଗନା ସ୍ଥିତ ପ୍ରସିଦ୍ଧ ସୀତଳା ମାତା ମନ୍ଦିରରେ ମଧ୍ୟ ଶ୍ରୀ ପ୍ରଧାନ ଦର୍ଶନ କରିଥିଲେ ।

# ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୨ ମୃତ

**ବୌଦ୍ଧ(ପିଏନ):** ମନମୁଣ୍ଡା-କଂଟାମାଳ ୪୧ ନଂ ରାଜ୍ୟ ରାଜପଥର ଧାନଖଣ୍ଡି ଛକରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହୋଇଛି । ଘଟଣା ସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁସାରେ ପଲସାଗୋରାରୁ ମକରଯାତ୍ରା ଦେଖି ଫେରୁଥିବା ସମୟରେ ଦୁର୍ଘଟଣା ଘଟିଥିଲା । ମୃତକ ଦୁଇ ଜଣ ହେଲେ କଣ୍ଟାମାଳ ଥାନା ସୁଲିଆ ଗାଁର ନବୀନ ଦନ୍ତା ଓ କଣ୍ଟାମାଳର ନାବାଳକ ସୌମ୍ୟ ରଞ୍ଜନ ପାଣିଗ୍ରାହୀ । ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସୋନପୁର ଡାକ୍ତରଖାନା ପଠାଇଛନ୍ତି । କଣ୍ଟାମାଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ତଦନ୍ତ କରୁଥିବା ଜଣାଯାଇଛି ।



ଗାନ୍ଧୀନଗରଠାରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ କରୁଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ

# ଅନୁଗୋଳ ଏନଏଚ୍ -୫୩ର ସମ୍ପ୍ରସାରଣ ସହ ରାଜପଥକୁ ଦୁଇ ଲେନ୍ ବିଶିଷ୍ଟ କରିବା ପାଇଁ ୧୭୪ କୋଟି ମଞ୍ଜୁର : ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର,(ପିଏନ)-** ଅନୁଗୋଳ ଜିଲ୍ଲା ଜାତୀୟ ରାଜପଥ -୫୩କୁ ସମ୍ପ୍ରସାରଣ କରିବା ସହ ଏହାକୁ ଦୁଇ ଲେନ୍ ବିଶିଷ୍ଟ କରିବା ପାଇଁ ୧୭୪.୨୧୫ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି କେନ୍ଦ୍ର ସଡକ ପରିବହନ ଓ ରାଜପଥ ମନ୍ତ୍ରୀ ନିତୀନ ଗଡକରୀ ଟ୍ୱିଟ୍ କରି ସୂଚନା ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟ୍ୱିଟ୍ କରି ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବିଭାଗୀୟ ମନ୍ତ୍ରୀ ଶ୍ରୀ ଗଡକରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଅନୁଗୋଳ ଜିଲ୍ଲା ଏନଏଚ୍-୫୩ରେ ରେଙ୍ଗାଲି, ବଜ୍ରକୋଟ ଏବଂ ଟାକୁଆରେ ତିନୋଟି ବାଇପାସ ସହ ଜାତୀୟ ରାଜପଥର ସମ୍ପ୍ରସାରଣ ଏବଂ ଦୁଇ ଲେନ୍ କରିବା ପାଇଁ ୧୭୪.୨୧୫ କୋଟି ଟଙ୍କା ଅନୁମୋଦନ କରାଯାଇଛି । ଏହି ଜାତୀୟ ରାଜପଥ ପାରାଦୀପ ବନ୍ଦର ସହ ରାଜ୍ୟର ବୃହତ ଶିଳ୍ପାଞ୍ଚଳ ଏବଂ ଖଣି କୋରିଡରକୁ ସଂଯୋଗ କରୁଛି । ରାଜପଥର ସମ୍ପ୍ରସାରଣ ଏବଂ ଉନ୍ନତିକରଣ ଦ୍ୱାରା ଲୋକଙ୍କ ଯାତାୟତ ସୁରକ୍ଷିତ ହେବ । ଏହାବ୍ୟତିତ ଏହି ରାଜପଥ ଭାରି ଯାନର ଯାତାୟତ ସହଜ ହେବ ଏବଂ ଏହି ଶିଳ୍ପ କୋରିଡର ତଥା କୋଲ୍ ଇଣ୍ଡିଆ, ଏନଟିପିସି, ଜିନ୍ଦଲ ଷ୍ଟିଲର ସାମାଜିକ ଓ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବ । ଶ୍ରୀ ପ୍ରଧାନ କହିଛନ୍ତି ଏନଏଚ୍ ୫୩ର ସମ୍ପ୍ରସାରଣ ଅନୁଗୋଳ ଏବଂସମ୍ବଲପୁର ଜିଲ୍ଲାର ଯାତାୟତକୁ ସୁଗମ କରିବା ସହ ଶିଳ୍ପ କ୍ଷେତ୍ରର ବିକାଶ ହେବା ସଙ୍ଗେସଙ୍ଗେ ସାମାଜିକ ଓ ଆର୍ଥିକ ବିକାଶରେ ଅଭିବୃଦ୍ଧି ଘଟିବ ।

# ହକି ବିଶ୍ୱକପ୍: ଭାରତ-ଇଂଲଣ୍ଡ ମଧ୍ୟରେ କଡା ଟକ୍କର, ମ୍ୟାଚ୍ ଡ୍ର



**ରାଉରକେଲା,(ପିଏନ):** ସ୍ଥାନୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ରବିବାର ଭାରତ ଓ ଇଂଲଣ୍ଡ ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିଛି । ପୁରୁଷ ହକି ବିଶ୍ୱକପ୍-୨୦୨୩ର ଦଶମ ମ୍ୟାଚ୍‌ରେ ଆୟୋଜକ ଭାରତକୁ ଇଂଲଣ୍ଡ କଡା ମୁକାବିଲା କରିଛି । ଉଭୟ ଟିମ୍ ଚଳିତ ଟୁର୍ଣ୍ଣାମେଣ୍ଟରେ ନିଜ ନିଜର ଦ୍ୱିତୀୟ ମ୍ୟାଚ୍‌ରେ ଜୋରଦାର ଲଢେଇ କରିଛନ୍ତି । ନିର୍ଦ୍ଧାରିତ ସମୟ ଭିତରେ କେହି କାହାରିକୁ ଗୋଲ୍ ଦେଇପାରି ନାହାନ୍ତି । ଉଭୟ ଦଳକୁ ଗୋଟିଏ ଲେଖାଏଁ ପଏଣ୍ଟ ମିଳିଛି । ପଏଣ୍ଟ ସମାନ ହୋଇଥିଲେ ବି ଇଂଲଣ୍ଡ ଟେବୁଲର ଶୀର୍ଷରେ ରହିଛି । କାରଣ ଚଳିତ ବିଶ୍ୱକପରେ ଗୋଲ ବ୍ୟବଧାନରେ ଇଂଲଣ୍ଡ ଏପର୍ଯ୍ୟନ୍ତ ଅଧିକ ଗୋଲ୍ ଦେଇଛି । ଏହା ପୂର୍ବରୁ ଗତ ୧୩ ତାରିଖରେ ଭାରତ ୨-୦ ଗୋଲ୍‌ରେ ସ୍ପେନକୁ ହରାଇଥିଲା । ସେହିପରି ସେହିଦିନ ଇଂଲଣ୍ଡ ହାତରୁ ୱେଲ୍ସ ୫-୦ ଗୋଲ୍‌ରେ ପରାସ୍ତ ହୋଇଥିଲା । ଆସନ୍ତା ୧୯ ତାରିଖରେ ସ୍ପେନକୁ ଇଂଲଣ୍ଡ ଏବଂ ଭାରତକୁ ୱେଲ୍ସ ଭେଟିବ । ଏହି ମ୍ୟାଚ୍ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ ।

# ସରକାରଙ୍କ ନିର୍ଦ୍ଦେଶକୁ ଯାଜପୁର ଜିଲ୍ଲା ଶିକ୍ଷାଧିକାରୀଙ୍କ ଅବମାନନା

## ହିନ୍ଦୀରେ ସ୍ନାତକୋତ୍ତର ପାସ୍ କରିଥିବା ଶିକ୍ଷକ ଶିକ୍ଷୟତ୍ରୀ ଟିଜି ସ୍କେଲ୍ ପାଇବାରୁ ବଞ୍ଚିତ

**ବରୀ/ଯାଜପୁର,(ପିଏନ)-** ଓଡିଶା ସରକାରଙ୍କ ଗଣ ଶିକ୍ଷା ବିଭାଗର ନିର୍ଦ୍ଦେଶ ନାମା ବଳରେ ରାଜ୍ୟରେ ଥିବା ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ତଥା ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ହିନ୍ଦି ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଯଦି ଗତ ୧୬.୧୧.୨୦ ମସିହା ପୂର୍ବରୁ ହିନ୍ଦି ରେ ସ୍ନାତକୋତ୍ତର ଡିଗ୍ରୀ (ଏମ . ଏ ) ପାସ୍ କରି ଥିବେ, ତାହେଲେ ସେମାନ ଟି ଜି ସ୍କେଲ ରେ ଦରମା ପାଇବାକୁ ହକଦାର ବୋଲି ବିବେଚନା କରି ସେହି ଅନୁସାରେ ଦରମା ଦିଆଯିବା କଥା । ସେହି ଅନୁସାରେ ରାଜ୍ୟର ପ୍ରାୟ ଅନ୍ୟ ସମସ୍ତ ଜିଲ୍ଲା ମାନଙ୍କରେ ଜିଲ୍ଲା ଶିକ୍ଷାଧିକାରୀ ସେମାନଙ୍କ ଅଧୀନରେ ଥିବା ବିଦ୍ୟାଳୟ ମାନଙ୍କରେ ଥିବା ହିନ୍ଦି ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ଟି ଜି ହାର ରେ ଦରମା ପ୍ରଦାନ କରି ସାରିଲେଣି । ମାତ୍ର ଯାଜପୁର ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଏହି ଜିଲ୍ଲାରେ ସରକାରୀ ସ୍କୁଲ ମାନଙ୍କରେ ଥିବା ହିନ୍ଦି ଶିକ୍ଷକ, ଯେଉଁ ମାନେ ହିନ୍ଦୀରେ ଏମ୍ ଏ ପାସ୍ କରିଛନ୍ତି, ସେମାନଙ୍କୁ ଟି ଜି ହାର ରେ ଦରମା ଦେଉଥିଲା ବେଳେ । ଅନୁଦାନ ପ୍ରାପ୍ତ ବ୍ଲକ୍ ଗ୍ରାଣ୍ଟ ସ୍କୁଲ ମାନଙ୍କରେ ଥିବା ହିନ୍ଦି ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ସେଥିରୁ ବଞ୍ଚିତ କରି ରଖିଛନ୍ତି । ସେହି ଯୋଗ୍ୟତା ଅର୍ଜନ କରିଥିବା ଶିକ୍ଷକ ଶିକ୍ଷୟତ୍ରୀ ମାନେ ବାରମ୍ବାର ଜିଲ୍ଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସେ ସେମାନଙ୍କର କଥାକୁ ଗ୍ରହଣ ନ କରି, ସେମାନଙ୍କୁ ହତାଶ କରୁଛନ୍ତି । ଗୋଟିଏ ରାଜ୍ୟରେ ଅନ୍ୟ ଜିଲ୍ଲା ମାନଙ୍କରେ ହିନ୍ଦି ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଟି ଜି ହାର ରେ ଦରମା ପାଉଥିଲା ବେଳେ ଯାଜପୁର ଜିଲ୍ଲାରେ, ଜିଲ୍ଲା ଶିକ୍ଷାଧିକାରୀ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା ତଥା ଭୁଲ୍ ଭାବରେ ଗ୍ରହଣ କରି ଯେଉଁ ଶିକ୍ଷକ ଶିକ୍ଷୟତ୍ରୀ ବି ଏ ରେ ହିନ୍ଦି ରଖି ଏମ୍ ଏ ପାସ୍ କରିଥିବେ ସେହି ମାନେ କେବଳ ଟି ଜି ହାର ରେ ଦରମା ପାଇବାକୁ ଯୋଗ୍ୟ ହେବେ ବୋଲି ବିବେଚନା କରି ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ହଇରାଣ କରୁଛନ୍ତି । ମାତ୍ର ସରକାରଙ୍କର ନିର୍ଦ୍ଦେଶ ନାମା ରେ ସେଭଳି କିଛି ଉଲ୍ଲେଖ ନାହିଁ । ତା ଛଡା ରାଜ୍ୟର ଅନ୍ୟ ଜିଲ୍ଲା ମାନଙ୍କରେ ଯେଉଁ ଶିକ୍ଷକ ଶିକ୍ଷୟତ୍ରୀ ଟି ଜି ହାର ରେ ଦରମା ପାଉଛନ୍ତି, ସେମାନେ ସମସ୍ତେ କେବଳ ହିନ୍ଦି ଏମ୍ ଏ କରି ଟି ଜି ହାର ରେ ଦରମା ପାଉଛନ୍ତି । କିନ୍ତୁ ଯାଜପୁର ଜିଲ୍ଲା ଶିକ୍ଷାଧକାରୀ ଆଇନ କୁ ଭୁଲ୍ ଭାବରେ ଗ୍ରହଣ କରି ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ହଇରାଣ କରୁଛନ୍ତି । ଫଳରେ ବାଧ୍ୟ ହୋଇ ଶିକ୍ଷକ ମାନେ ଆଇନି ର ଆଶ୍ରୟ ନେବେ । ସରକାରଙ୍କର ଖର୍ଚ୍ଚ ଭାର ବଢିବା ସହିତ ନ୍ୟାୟ ପାଳିକା ରେ ମଧ୍ୟ ବୋଝ ବଢିବ । ଏଠାରେ ସ୍ମରଣ କରାଯାଇପାରେ କି ସାଂପ୍ରତିକ ପରିସ୍ଥିତିରେ ଯାଜପୁର ଜିଲ୍ଲା ବର୍ତ୍ତମାନ ରାଜ୍ୟର ପ୍ରମୁଖ କ୍ଷମତା କେନ୍ଦ୍ର ପାଲଟିଥିଲା ବେଳେ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଏଭଳି ମନ ମୁଖୀ କାର୍ଯ୍ୟ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ବ୍ୟଥିତ କରିଛି । ଯଦି ଏ କଥାକୁ ଉଚ୍ଚ ପଦାଧିକାରୀ ମାନେ ତୁରନ୍ତ ସମାଧାନ ନ କରନ୍ତି ତାହେଲେ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ।










# ଟି ଟାଇମ୍



## ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ଦ୍ଦିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମାୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ କ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉଙ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




## କେନ୍ଦ୍ରାପଡାରେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ : ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କେନ୍ଦ୍ରାପଡା ଜିଲ୍ଲାର ବିକାଶ ଚାଲିଛି

କେନ୍ଦ୍ରାପଡ଼ା,୧୫।୧: କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ପକ୍ଷରୁ ବିଜୁ ଜନତା ଦଳର ୨୬ତମ ପ୍ରତିଷ୍ଠା ଦିବସ ଇଛାପୁରସ୍ଥିତ ରଥଦାଣ୍ଡରେ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚି ନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉତ୍ସବକୁ ଉଦଘାଟନ କରିଥିଲେ। ବିଜେପିକୁ ଟାର୍ଗେଟ କରି ତାଙ୍କ ଅଭିଭାଷଣରେ କହିଥିଲେ ଯେ ଗତକାଲି ମୁଣ୍ଡପିଛା ୧୦କିଲୋ ଚାଉଳ ପାଉଥିବା ହିତାଧିକାରୀ ଆସନ୍ତାକାଲି ଠାରୁ ୫କିଲୋ ଚାଉଳ ପାଇବେ। ଏହାକୁ କେନ୍ଦ୍ର ବିଜେପି ସରକାର କାଟି ଦେଇଛନ୍ତି। ଗରିବ କଲ୍ୟାଣ ଯୋଜନା ଗୁଡିକୁ ଏହି ସରକାର କାଟି କାଟି ଚାଲିଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ନବୀନ ସରକାର ଗୁରୁତ୍ୱ ଦେଇ ଦେଶରେ ଏକନମ୍ବର ସ୍ଥାନ ଅଧିକାର କରିଥିବା ବେଳେ ବିଜେପି ସରକାର ଗରିବ ମାରଣ ନୀତି ଅବଲମ୍ବନ କରୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କେନ୍ଦ୍ରାପଡା ଜିଲ୍ଲାରେ ବିକାଶ କାର୍ଯ୍ୟ ଚାଲୁ ରହିଛି। ମୁଖ୍ୟମନ୍ତ୍ରୀ କେବଳ ଦେଶରେ ନୁହନ୍ତି ବିଦେଶ ମାଟି ଇଟାଲିରେ ମଧ ପୁରସ୍କୃତ ହୋଇଛନ୍ତି। ଜିଲ୍ଲାର ମହାକାଳପଡା ଠାରେ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। ଏଥିନିମନ୍ତେ ମାର୍ଶାଘାଇ ଠାରୁ କାରାଖାନା ସ୍ଥଳକୁ ରାସ୍ତା ନିର୍ମାଣ ପାଇଁ ୧୫୦କୋଟି ଟଙ୍କାର ଟେଣ୍ଡର ହେବାକୁ ଯାଉଛି ବୋଲି ମନ୍ତ୍ରୀ ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ। କେନ୍ଦ୍ରାପଡା ବିଧାୟକ ଶ୍ରୀ ବେହେରା ତାଙ୍କ ବକ୍ତବ୍ୟରେ ୨୨ବର୍ଷର ବିଜେଡି ସରକାର ୨୬ବର୍ଷର ପ୍ରତିଷ୍ଠା ଦିବସ ପାଳନ କରିବା ଅବସରରେ ରାଜ୍ୟର ସାମଗ୍ରିକ ବିକାଶ କ୍ଷେତ୍ରରେ ଦେଶରେ ଆଗରେ ରହିଛି। ଗତ ତ୍ରିସ୍ତରୀୟ ନିର୍ବାଚନରେ କେନ୍ଦ୍ରାପଡା ବିଧାନସଭା କ୍ଷେତ୍ରରେ ବିଜେଡି ସମସ୍ତ ଜିଲ୍ଲା ପରିଷଦ ପଦବୀ ହାସଲ କରିଥିବା ବେଳେ କେନ୍ଦ୍ରାପଡା ପଞ୍ଚାୟତ ସମିତିରେ ପୂର୍ଣ୍ଣ ସମର୍ଥନରେ ପଞ୍ଚାୟତ ସମିତି ଗଠନ କରିଥିଲା। ସେହିପରି କେନ୍ଦ୍ରାପଡା ପୌର ପରିଷଦ ନିର୍ବାଚନରେ ବିଜେଡି ପ୍ରାର୍ଥୀ ନଗରପାଳ ଭାବେ ୧୩ହଜାରରୁ ଅଧିକ ଭୋଟରେ ବିଜୟ ଲାଭ କରିଥିବା ବେଳେ ପୌରପରିଷଦରେ ସଂଖ୍ୟା ଗରିଷ୍ଠତା ହାସଲ କରିବା ଦଳୀୟ ସାଂଗଠନିକ ଦକ୍ଷତା ପ୍ରତିପାଦନ କରିଛି। ମହିଳାମାନଙ୍କୁ ସୁସଂଗଠିତ ଓ ସ୍ୱାବଲମ୍ବି କରି ମହିଳା ଶସକ୍ତିକରଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅବଦାନ ସାରା ଦେଶରେ ଚହଳ ସୃଷ୍ଟି କରିଥିବା ବେଳେ ଅନ୍ୟ ଦେଶ ଗୁଡିକ ଏହାକୁ ରୋଲ ମଡେଲ ଭାବେ ଗ୍ରହଣ କରିଛନ୍ତି ବୋଲି ବିଧାୟକ ତାଙ୍କ ବକ୍ତବ୍ୟରେ କହିଥିଲେ। ଜିଲ୍ଲା ବିଜେଡି ଉପସଭାପତି ଦେବଦାସ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିଷ୍ଠା ଦିବସ ସଭାରେ କେନ୍ଦ୍ରାପଡା ବ୍ଲକ ମହିଳା ସଭାପତି ସୁମିତ୍ରା ପାଢୀ, ନଗର ମହିଳା ସଭାପତି ସ୍ୱୟଂପ୍ରଭା କର ମହିଳା ଶସକ୍ତିକରଣ ଉପରେ ଦଳର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ବ୍ଲକ ବିଜେଡି ସଭାପତି ଆଲୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ପରିଷଦ ସଦସ୍ୟ ରଶ୍ମୀରଞ୍ଜନ ରାଉତ, ମଧୁଛନ୍ଦା ମହାନ୍ତି, ନିର୍ମଳା ମହାନ୍ତି, ଲିଳିତା ଦାସ, ପ୍ରିୟଦର୍ଶିନୀ ତରାଇ, ପୌର ଉପାଧକ୍ଷା ଆକବରୀ ଖାତୁନ, କେନ୍ଦ୍ରାପଡା ବ୍ଲକ ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର, ପ୍ରାକ୍ତନ ବ୍ଲକ ଅଧକ୍ଷ ଦୁର୍ଗାଶିଷ ମହାନ୍ତି, ଉମେଶ ନାୟକ, ପ୍ରଭାଶିଷ ପଣ୍ଡା, ଚୌଧୁରୀ ସୁକୁମାର ଦାସ, ନିରାକାର ସ୍ୱାଇଁ, ପ୍ରଦୀପ୍ତ ମହାନ୍ତି,ଜିଲ୍ଲା ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ମହମ୍ମଦ ସେକ ଇନାୟତ(ଚନ୍ଦନ), ସରପଞ୍ଚ ଗାଙ୍ଗପଡା ଅଶ୍ୱିନୀ କୁମାର ପାତ୍ର, ଯୁବନେତା ସଂଗମ କେଶରୀ ସାମଲ, ସେକ ନିୟାଜ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧରେ ଯୁବନେତା ସତ୍ୟପ୍ରକାଶ ବେହେରା, ହିରଣ୍ୟ ପଣ୍ଡା, ପୌରସଭ୍ୟ ଅଭୟ ବେହେରା, ଓସ୍ତପୁର ସରପଞ୍ଚ ପ୍ରସନ୍ନ କୁମାର ରାଉତ, ଭଜକୃଷ୍ଣ ରାଉତ, ରବୀନ୍ଦ୍ରାନାଥ ପଣ୍ଡା, ପ୍ରାକ୍ତନ ସରପଞ୍ଚ ଗାୟତ୍ରୀ ମହାନ୍ତି, ଉର୍ମିଳା ସେଠୀ, ସୟଦ ଅକମଲ ଅଲ୍ଲୀ, ସୁରେନ୍ଦ୍ରନାଥ ଜେନା, ଦେବାଶିଷ କୁବେର, ଶକ୍ତିକାନ୍ତ ପାତ୍ର, ନାରାୟଣ ସାହୁ, ମଙ୍ଗଳବରଣ ସିଂ, ପ୍ରକାଶ ପରିଡ଼ା, ସଞ୍ଜୟ ଜେନା, ତ୍ରିଲୋଚନ ଦାସ, ରକିବୁର ରହେମାନ, ସୁଧିର ସ୍ୱାଇଁ, ସେକ ମୋସିମ, ମୀର ଅମୀର ପ୍ରମୁଖ ୫ହଜାରରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ।

# କାଶି ବିଶାଲକ୍ଷ୍ମୀଙ୍କ ଶକ୍ତିପୀଠ, ବାରଣାସୀ



କାଶୀ ବିଶାଲକ୍ଷ୍ମୀ ମନ୍ଦିର ହିନ୍ଦୁଧର୍ମର ପ୍ରସିଦ୍ଧ ୫୧ଟି ଶକ୍ତିପୀଠ ମଧ୍ୟରେ ଅନ୍ୟତମ। ଏହି ମନ୍ଦିର ଉତରପ୍ରଦେଶର ପ୍ରାଚୀନ ନଗର କାଶୀ (ବାରଣାସୀ)ରେ କାଶୀ ବିଶ୍ୱନାଥ ମନ୍ଦିରରୁ କିଛି ଦୂରରେ ଗଙ୍ଗା ନଦୀ କୂଳ ମୀରଘାଟ (ମଣିକର୍ଣ୍ଣିକା ଘାଟ)ରେ ଅବସ୍ଥିତ। ଶାସ୍ତ୍ର ଅନୁଯାୟୀ ଏହି ଶକ୍ତିପୀଠ ମା'ଦୁର୍ଗାଙ୍କ ଶକ୍ତିର ପ୍ରତୀକ। ହିନ୍ଦୁଶାସ୍ତ୍ର ଅନୁଯାୟୀ ଏଠାରେ ଦେବୀ ସତୀଙ୍କ ଡ଼ାହାଣ କାନର କୁଣ୍ଡଳ ପଡ଼ିଥିଲା।



ବିଶାଲକ୍ଷ୍ମୀ ମନ୍ଦିର ବା ବିଶାଲକ୍ଷ୍ମୀ ଗୌରୀ ମନ୍ଦିର ହିନ୍ଦୁମାନଙ୍କର ପ୍ରସିଦ୍ଧ ମନ୍ଦିରଗୁଡ଼ିକ ମଧ୍ୟରେ ଗୋଟିଏ। ଏହି ମନ୍ଦିର ଦେବୀ ବିଶାଲକ୍ଷ୍ମୀଙ୍କୁ ସମର୍ପିତ। ବିଶାଲକ୍ଷ୍ମୀ ଏକ ସଂସ୍କୃତ ଶବ୍ଦ। ଏହାର ଅର୍ଥ ହେଲା ଯାହାର ବଡ଼ ଆଖି। ବାରଣାସୀର ପୁରାତନ ନାମ କାଶୀ। କାଶୀ ପ୍ରାଚୀନ ଭାରତର ସାଂସ୍କୃତିକ ତଥା ପୁରାତତ୍ୱର ଉତରାଧିକାରୀ। କାଶୀ ବା ବାରଣାସୀ ହିନ୍ଦୁମାନଙ୍କର ପବିତ୍ର ସ୍ଥାନଗୁଡ଼ିକ ମଧ୍ୟରେ ଗୋଟିଏ। ଦେବୀ ପୁରାଣରେ କାଶୀର ବିଶାଲକ୍ଷ୍ମୀ ମନ୍ଦିରର ଉଲ୍ଲେଖ ରହିଛି। ଏହି ମନ୍ଦିରରେ ଶକ୍ତିଙ୍କୁ ଦେବୀ ବିଶାଲକ୍ଷ୍ମୀଙ୍କ ରୂପରେ ପୂଜା କରାଯାଏ ଓ ଭୈରବଙ୍କୁ ସଂରକ୍ଷକ ବା କାଳଭୈରବ ରୂପରେ ପୂଜା କରାଯାଏ।

ଭାରତ ଏକ ପୂଣ୍ୟଭୂମି, ଖାସ ଏହାର ଦେବୀ ଦେବତାଙ୍କୁ ନେଇ। ସୃଷ୍ଟି ଆରମ୍ଭରୁ



ପ୍ରତ୍ୟେକ ସ୍ଥାନର ନିଜସ୍ୱ ସ୍ୱତନ୍ତ୍ରତା ଅଛି, ଯାହା ଅଜଣା, କେବଳ ଇତିହାସର ରୂପାନ୍ତର। ଶକ୍ତିପୀଠ, ଯାହା ଏକ ରହସ୍ୟପୂର୍ଣ୍ଣ ଗାଥା, ପ୍ରାୟତଃ ଜନମାନସରେ ଅଗୋଚର ହୋଇ ରହିଛି। ହିନ୍ଦୁଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସଂରଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥାକଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହାପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସିପ୍ରକାର ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ (ଆନ୍ଧ୍ର ପ୍ରଦେଶର ମୁରାମଲ୍ଲା)ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଂଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମରଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହେଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବଦେବୀମାନେ ଏହାର ସମାଧାନ ବା ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ବ୍ରହ୍ମା ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ, ଯେପର୍ଯ୍ୟନ୍ତ ଶିବଙ୍କ ହସ୍ତରୁ ସତୀଙ୍କ ମରଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଶିବ ଶାନ୍ତ ହେବେନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସମୁଖରୁ ବର୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷାପାଇଁ ସଙ୍ଗେ ସଙ୍ଗେ ଶିବ ଧରିଥିବା ସତୀଙ୍କ ମରଶରୀରକୁ ଖଣ୍ଡବିଖଣ୍ଡିତ କରି ଆତ୍ମାରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।



କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତିପୀଠର ମାନ୍ୟତା ଦେଲେ। ଏହି ସ୍ଥାନଗୁଡ଼ିକ ଅତି ପବିତ୍ର ତୀର୍ଥସ୍ଥଳ ଭାବେ ବିଖ୍ୟାତ। ସେହି ପୀଠମାନଙ୍କ ମଧ୍ୟରେ କାଶୀ ବିଶାଲକ୍ଷ୍ମୀ ଶକ୍ତିପୀଠ ଅନ୍ୟତମ। ଏଠାରେ ଦେବୀଙ୍କ ଡ଼ାହାଣ କାନର କୁଣ୍ଡଳ ପଡ଼ିଥିଲା। ଏଥିଯୋଗୁ ଏହି ସ୍ଥାନକୁ ମଧ୍ୟ "ମଣିକର୍ଣ୍ଣିକା ଘାଟ" କୁହାଯାଏ।



ଅନ୍ୟ ଏକ କଥାରୁ ଜଣାଯାଏ ଯେ, ମାତା ଅନ୍ନପୂର୍ଣ୍ଣା, ଯାହାଙ୍କ ଆଶୀର୍ବାଦରୁ ସଂସାରର ସମସ୍ତ ଜୀବ ଖାଦ୍ୟ ପାଆନ୍ତି, ସେ ହିଁ "ମା' ବିଶାଲକ୍ଷ୍ମୀ"! ସ୍କନ୍ଦ ପୁରାଣର କଥା ଅନୁସାରେ ଯେତେବେଳେ ଋଷି ବ୍ୟାସଙ୍କୁ ବାରଣାସୀରେ କେହି ବି ଖାଦ୍ୟ ଦେଉ ନ ଥିଲେ, ସେତେବେଳେ ସ୍ୱୟଂ ବିଶାଲକ୍ଷ୍ମୀ ଜଣେ ଗୃହିଣୀ ରୂପରେ ଆସି ଋଷି ବ୍ୟାସଙ୍କୁ ଖାଦ୍ୟ ଦେଇଥିଲେ। ମାତା ବିଶାଲକ୍ଷ୍ମୀଙ୍କ ଭୂମିକା ଏକଦମ୍ ମା' ଅନ୍ନପୂର୍ଣ୍ଣାଙ୍କ ଭଳି ଅବିକଳ ଥିଲା।

ମାତା ବିଶାଲକ୍ଷ୍ମୀଙ୍କ ମନ୍ଦିରରେ ସମସ୍ତ ପର୍ବପର୍ବାଣୀ ପାଳନ ହୋଇଥାଏ। ବିଶେଷତଃ ଦୁର୍ଗାପୂଜା ଓ ନବରାତ୍ର ପର୍ବ ଅବସରରେ ସ୍ୱତନ୍ତ୍ର ପୂଜାର ଆୟୋଜନ ହୋଇଥାଏ। ଏହିଦିନ ମନ୍ଦିରକୁ ଫୁଲ ଓ ଆଲୋକମାଳାରେ ସୁସଜ୍ଜିତ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନ ଓ ହୃଦୟକୁ ଅପାର ଶାନ୍ତି ପ୍ରଦାନ କରିଥାଏ।

**ଶରତ କୁମାର ରାଉତ**, ଭୁବନେଶ୍ୱର, ମୋ: ୯୩୩୭୩୬୯୪୮

## ଦେଶପ୍ରତି ଇନ୍ଦିରାଜୀଙ୍କ ଅବଦାନ ଅତୁଳନୀୟ



ରାଉରକେଲା (ପିଏନ୍): ପୂର୍ବତନ ପ୍ରଧାନମନ୍ତ୍ରୀ, ଲୌହମାନବୀ, ଭାରତରତ୍ନ ଇନ୍ଦିରା ଗାନ୍ଧୀଙ୍କର ଦେଶପ୍ରତି ଅବଦାନ ଅତୁଳନୀୟ ବୋଲି ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି । ସ୍ୱର୍ଗୀୟା ଇନ୍ଦିରାଜୀଙ୍କ ଜନ୍ମଜୟନ୍ତୀ ଅବସରରେ ଜିଲ୍ଲା କଂଗ୍ରେସ ତରଫରୁ ପ୍ଲାଣ୍ଟସାଇଟ୍ ଛକଠାରେ ଅବସ୍ଥିତ ଇନ୍ଦିରାଜୀଙ୍କ ପ୍ରତିମୂର୍ତ୍ତିରେ ସକାଳ ୧୦ ଘଟିକାରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ସକାଳ ସାଢେ ୧୦ଟା ସମୟରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଇନ୍ଦିରାଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଇନ୍ଦିରାଜୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ଦେଶ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଦେଶର ଏକତା ଓ ଅଖଣ୍ଡତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀ ତାଙ୍କ ଶାସନ କାଳରେ ଦାରିଦ୍ର୍ୟ ଦୂରୀକରଣ, ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ବିକାଶ, କୃଷି କ୍ଷେତ୍ରର ବିକାଶ ତଥା ଗମନାଗମନ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଆଣିପାରିଥିଲେ ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ । ତାଙ୍କ ବରିଷ୍ଠ ନେତୃତ୍ୱରେ ଭାରତରେ ସର୍ବଦା ଅସ୍ଥିରତା ସୃଷ୍ଟି କରୁଥିବା ପାକିସ୍ତାନକୁ ଉଚିତ୍ ଶିକ୍ଷା ଦିଆଯାଇ ବଙ୍ଗଳାଦେଶ ସୃଷ୍ଟି କରାଯାଇଥିଲା ବୋଲି ବକ୍ତାମାନେ ଉଲ୍ଲେଖ କରି ସମଗ୍ର ବିଶ୍ୱରେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତ୍ରୀ ଭାବରେ ନିଜର ପରାକାଷ୍ଠାକୁ ଇନ୍ଦିରାଜୀ ପ୍ରଦର୍ଶନ କରିପାରିଥିଲେ ବୋଲି ନେତୃବୃନ୍ଦ କହିଥିଲେ । ସର୍ବଦା ଗରିବ ଲୋକଙ୍କର ଉନ୍ନତି ଉପରେ ଗୁରୁତ୍ୱାରୋପ କରୁଥିବା ଇନ୍ଦିରାଜୀଙ୍କୁ ଦେଶର କୋଟି କୋଟି ଅବହେଳିତ, ଗରିବ ନିଷ୍ପେଷିତ ଲୋକେ ମା' ବୋଲି ସମ୍ବୋଧନ କରୁଥିଲେ ଏବଂ ତାଙ୍କ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହେଉଥିଲେ ବୋଲି ନେତୃବୃନ୍ଦ ପ୍ରକାଶ କରି ସମ୍ପ୍ରତି ଇନ୍ଦିରାଜୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ସାଧାରଣ ଗରିବ ଲୋକଙ୍କ ସେବାରେ ପ୍ରତ୍ୟେକ କଂଗ୍ରେସ କର୍ମୀ ନିଜକୁ ନିୟୋଜତ କଲେ ତାହା ଇନ୍ଦିରାଜୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଂଜଳି ହେବ ବୋଲି ନେତୃବୃନ୍ଦ କହିଥିଲେ । ଏ ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ଓ ପ୍ରଶାନ୍ତ ସେଠୀ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସଭ୍ୟ ସବୀର ହୁସେନ, ରାମାନନ୍ଦ ଶ୍ରୀଚନ୍ଦନ, ପ୍ରଭାତୀ ମିଶ୍ର ଓ ତୁଳସୀ ନାଗ, ରଶ୍ମିରଂଜନ ପାଢୀ, ଉପସଭାପତି କୀର୍ତ୍ତନ ଦାସ ଓ ଉମେଶ ଶରଣ, ଶୋଭା ସିଂହ, ଓବିସି ରାଷ୍ଟ୍ରୀୟ ସଂଯୋଜକ କୈଳାସ ସାହୁ, ମହିଳା ରାଜ୍ୟ ସମ୍ପାଦିକା ଲତା ନାୟକ, ମହିଳା ଜିଲ୍ଲା ସଭାନେତ୍ରୀ ନିରୂପମା ବଳିୟାର ସିଂହ, ଓବିସି ଜିଲ୍ଲା ଅଧକ୍ଷ ତ୍ରୈଲୋଚନ ସାହୁ, ସଂଖ୍ୟାଲଘୁ ଅଧକ୍ଷ ଇଜାଜ ଅଖତର, ମୁଖପାତ୍ର ଗିରିଜା ଶଙ୍କର ମିଶ୍ର ଓ ଇଂ.ଆର୍.ପି. ସିଂହ, ସାଧାରଣ ସମ୍ପାଦକ ଫିରୋଜ ଖାନ ଓ ଧର୍ମେନ୍ଦ୍ର ପରମାର, ବରିଷ୍ଠ ନେତା ଗଣେଶ ପ୍ରଧାନ, ଇନ୍ଦ୍ରମୋହନ ପଣ୍ଡା, ସୁନୀଲ ପଟ୍ଟନାୟକ, ସୌକତ ଖାନ, ଡେଭିଡ ପ୍ରଧାନ, ବାବୁ ଖାନ, ସମ୍ପାଦିକା ପ୍ରତିମା ପାଣିଗ୍ରାହୀ, ଅମ୍ରିତ କୌର, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲୀପ ଜେନା, ରୁକସାନା ବେଗମ, ସାକିର ହୁସେନ, ସେବାଦଳର ବୁଲୁ ଦାସ, ସାମାଜିକ ଗଣମାଧମର ସୁଧୀର ନାଥ ଓ ବିଶ୍ୱଜିତ ସାହୁ, ଝୁନୁ ପଟ୍ଟନାୟକ, ରେହେମାନ ଖାନ, ଯୁବନେତା ବିଶ୍ୱରଂଜନ ରାଉତ, ଅନୀଲ ଦାସ, ରୁଷି ସାହୁ, ମୁକ୍ତାର ଅହମ୍ମଦ ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିବା ବେଳେ ପ୍ରଭାତୀ ମିଶ୍ର କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖାର ନିର୍ବାଚନ

ଭୁବନେଶ୍ୱର,(ପି.ଏନ): ଉତ୍କଳ ସମ୍ମିଳନୀ, ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖାର ସାଧାରଣ ଅଧିବେଶନ ଓ ଆସନ୍ତା ତିନି ବର୍ଷ ପାଇଁ ନିର୍ବାଚନ ବୀର ସୁରେନ୍ଦ୍ର ସାଏ ନଗର ସ୍ଥିତ ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅନୁଷ୍ଠାନର ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ବିବରଣୀ ପାଠ କରିଥିଲେ ।ଅନ୍ୟାନ୍ୟ ସମସ୍ୟା ସହିତ ବୈଠକରେ ସୀମା ସୁରକ୍ଷା ପାଇଁ ଉଦ୍‌ବେଗ ପ୍ରକାଶ ପାଇଥିଲା । ଚଳିତ ବର୍ଷ ନିର୍ବାଚନ ଥିବାରୁ ଉତ୍କଳ ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା ବେଳେ ପ୍ରତାପ କୁମାର ନନ୍ଦ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ । ଆଜିର ନିର୍ବାଚନରେ ସର୍ବସମ୍ମତି କ୍ରମେ ଦିଲ୍ଲୀପ ଦାଶଶର୍ମା ସପ୍ତମ ଥର ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଉପ-ସଭାପତି ଭାବେ ପ୍ରତାପ କୁମାର ସ୍ୱାଇଁ ଓ ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଭାବେ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସମ୍ପାଦକ ଭାବେ ସିଧାର୍ଥ ଶଙ୍କର ଗଡନାୟକ ଓ ଅକ୍ଷୟ କୁମାର ଜେଠୀ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ ।

## ସମାଜସେବୀଙ୍କ ପକ୍ଷରୁ ଶୀତକାଳୀନ ବସ୍ତ୍ର କମ୍ବଳ ବଣ୍ଟନ

ଯୋଡା (ପିଏନ୍): ଖଣି ଅଂଚଳରେ ଧିରେ ଧିରେ ଶୀତ ଅନୁଭୂତ ହେଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଯୋଡା ବ୍ଲକ ବିରିକଳା ପଂଚାୟତ ବିଲେଇପଦା



ପଂଚାୟତ କାର୍ଯ୍ୟାଳୟଠାରେ ଗତ ରବିବାର ଦିନ କେତେକ ଗରିବ ଅସହାୟ ବ୍ୟକ୍ତିଙ୍କୁ ଶୀତ ଦାଉରୁ ରକ୍ଷାପାଇବା ପାଇଁ ବିଲେଇପଦାର ମା' ମୋବାଇଲ ମାଲିକ ତଥା ସମାଜସେବୀ ରାଜା ସାହୁ ୨୦୦ରୁ ଊର୍ଦ୍ଧ୍ୱ କମ୍ବଳ ବଣ୍ଟନ କରିଥିଲେ । ଏହି କମ୍ବଳ ବଣ୍ଟନ କାର୍ଯ୍ୟକ୍ରମରେ ବିରିକଳା ସରପଂଚ ମୁଖ ନାଏକ, ନାଏବ ସରପଂଚ କୁନ୍ତଳା ଖିଲାର, ୧୪ନଂ ୱାର୍ଡମେମ୍ବର ଚାନ୍ଦମଣି ମୁଣ୍ଡା, ବିଲେଇପଦା ଫାଣ୍ଡି କର୍ମଚାରୀ କ୍ଷୀରୋଦ କୁମାର ଜେନା ଓ କଂଗ୍ରେସ ଚାମିଆ, ପୂର୍ବତନ ନାଏବ ସରପଂଚ ବିଷ୍ଣୁ ଖିଲାର, ନରେଶ ପ୍ରଧାନ, ସାମ୍ବାଦିକ ସଂଜୀତ କୁମାର ବାରିକ, ବିରସିଂ ମୁଣ୍ଡା, ପୁରଷୋତ୍ତମ ସାହୁ, ଦଶରଥ ମୁଣ୍ଡା ପ୍ରମୁଖ ଉପସ୍ଥିତ ରହି ଏହି ଗରିବ ଅସହାୟ ବୃଦ୍ଧ ଓ ବୃଦ୍ଧା ମାନଙ୍କୁ କମ୍ବଳ ବଣ୍ଟନ କରି ମୁହଁରେ ଆନନ୍ଦ ଫୁଟାଇଥିଲେ । ଏହି କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ କରାଯାଇଥିବା ବେଳେ ଆଗାମୀ ଦିନରେ ୨୮ନଂ ଜୋନ୍‌ରେ ଥିବା ସମସ୍ତ ପଂଚାୟତଗୁଡିକରେ କମ୍ବଳ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସମାଜସେବୀ ଶ୍ରୀ ସାହୁ ଗଣମାଧମକୁ ସୂଚନା ଦେଇଛନ୍ତି ।

## ମହାବୀର ମନ୍ଦିରର ଉନବିଂଶତମ ପ୍ରତିଷ୍ଠା ଉତ୍ସବ

ଭୁବନେଶ୍ୱର,(ପି.ଏନ): ନୀଳାଦ୍ରି ବିହାର ସେକ୍ଟର ଦୁଇ ସ୍ଥିତ ମହାବୀର ମନ୍ଦିରର ଉନବିଂଶତମ ପ୍ରତିଷ୍ଠା ଉତ୍ସବ ମୋହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ଏହି ଧାର୍ମିକ ଉତ୍ସବରେ ଶୁକ୍ରବାର ସନ୍ଧ୍ୟାରେ କଳସ ଯାତ୍ରା ଅନୁଷ୍ଠିତ ହୋଇ ଘଟ ସ୍ଥାପନ କରାଯାଇଥିଲା। ଶନିବାର ସକାଳୁ ଯଥା ବିଧି ଓ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପୂର୍ବକ ସୂର୍ଯ୍ୟପୂଜା, ଯଜ୍ଞାରମ୍ଭ, ଆଳତୀ, ପୂର୍ଣ୍ଣାହୂତି ହୋଇଥିଲା। ଦୀର୍ଘ ଦିନ ଧରି ସେକ୍ଟର ୨ ଠାରେ ପୂଜା ପାଉଥିବା ଶ୍ରୀ ଶ୍ରୀ ମହାବୀରଙ୍କର ଏହି ବାର୍ଷିକ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନେତା ଓ



ସ୍ଥାନୀୟ ଅଞ୍ଚଳର ବହୁ ଭକ୍ତ ଯୋଗଦେଇ ଦର୍ଶନ କରିବା ସହିତ ମହାବୀରଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ମହାବୀର ମନ୍ଦିର ପରିଚାଳନା କମିଟିର ସଦସ୍ୟ ମାନେ ପରିଚାଳନା କରିଥିବା ବେଳେ ସ୍ଥାନୀୟ ଅଞ୍ଚଳର ଭକ୍ତମାନେ ସାହାର୍ଯ୍ୟ ସହଯୋଗ କରିଥିଲେ।

## ସଦର ବିଜେଡ଼ିର ୨୫ବର୍ଷ ପୂର୍ତ୍ତି ଉତ୍ସବ

ଫୁଲନଖରା, (ପି.ଏନ): କଟକ ସଦର ବିଜେଡ଼ିର ୨୫ବର୍ଷ ପୂର୍ତ୍ତି ଉତ୍ସବ ସ୍ଥାନୀୟ ଗୋପାଳପୁରସ୍ଥିତ ତାରିଣୀ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ନିଆଳି ବିଧାୟକ ଡା.ପ୍ରମୋଦ କୁମାର ମଲିକ, କଟକ ଜିଲା ବିଜେଡ଼ି ସଭାପତି ଦେବାଶିଷ ସାମନ୍ତରାୟ, ମେୟର ସୁବାସ ସିଂ, ଜୀବନବିନ୍ଦୁ ସଂଯୋଜକ ରଂଜନକୁମାର ବିଶ୍ୱାଳ, ନଗର ବିଜେଡ଼ି ସଭାପତି ମଧୁସୂଦନ ସାହୁ, ମୀରା ପରିଡ଼ା, ଜିଲାପରିଷଦ ଉପାଧକ୍ଷା ସୁଭଦ୍ରା ଦାସ, ସଦର ବ୍ଲକ ଅଧକ୍ଷା ଅମ୍ବିକା ପାତ୍ର, ବିଭୂତିଭୂଷଣ ପରିଡ଼ା, ରଜନୀ ମହାନ୍ତି, ରାଜକୁମାରୀ ସ୍ୱାଇଁ, କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, ଆଶାଲତା ବେହେରା ପ୍ରମୁଖ ଯୋଗଦେଇଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନଂ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭିମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଜାନୁଆରୀ ୧୬

# ପିଲାଙ୍କ ପାଇଁ ସ୍ୱାସ୍ଥ୍ୟୋପକାରୀ ଖାଦ୍ୟ

ପିଲାମାନଙ୍କର ଉଭୟ ଶାରୀରିକ ଏବଂ ମାନସିକ ବିକାଶ ପଛରେ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବର୍ତ୍ତମାନ ପିଲାମାନେ ଚଟପଟି ଖାଦ୍ୟ, ଫାଷ୍ଟଫୁଡ ଜାତୀୟ ଖାଦ୍ୟ ଅଧିକ ଖାଇବାକୁ ପସନ୍ଦ କରୁଛନ୍ତି । ହେଲେ ସେମାନଙ୍କ ଖାଦ୍ୟପେୟ ପ୍ରତି ମା'ବାପା ସଚେତନ ହେବା ଆବଶ୍ୟକ । ଛୋଟପିଲାଙ୍କୁ ଏ ବିଷୟରେ ଭଲ ଭାବରେ ବୁଝାଇଲେ ସେମାନେ ଏ ବିଷୟରେ ଜାଣିପାରିବେ । ପିଲାମାନେ ଏପରି ଖାଦ୍ୟ ଖାଆନ୍ତୁ, ଯଦ୍ୱାରା ଶରୀରକୁ ଉପଯୁକ୍ତ ପୋଷକତତ୍ତ୍ୱ ମିଳିପାରିବ । ସେମାନଙ୍କ ଖାଦ୍ୟ ତାଲିକାରେ ସେଓ, ନାସପାତି ଆଦି ଫ୍ରୁଟ୍ସ ସାମିଲ କରନ୍ତୁ । ତରକାରୀ ଫଳମୂଳରେ ଭିଟାମିନ 'ଇ' ଓ 'ସି' ଭଳି ଆଣ୍ଟିଅକ୍ସିଡାଣ୍ଟ ଭରପୁର ମାତ୍ରାରେ ରହିଛି । ଏଭଳି ତତ୍ତ୍ୱ ସେମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ପିଲାଙ୍କ ଶରୀର ବିକାଶ ଲାଗି ପ୍ରତିଦିନ ଅଣ୍ଡା ଖାଇବା ଆବଶ୍ୟକ । ଏହା ଶରୀରରେ ମାନସିକ ବିକାଶରେ ସାହାଯ୍ୟ କରିଥାଏ । ପିଲାମାନେ ବିଶେଷକରି ପ୍ରୋଟିନ, ଭିଟାମିନ ବି, ଭିଟାମିନ ଡି ଓମେଗା-୩ ଫ୍ୟାଟି ଏସିଡ ଓ ଫଲିକ ଏସିଡ୍ ଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ । ଏପରି ଖାଦ୍ୟ ପିଲାର ମସ୍ତିଷ୍କ ବିକାଶରେ ସାହାଯ୍ୟ କରିଥାଏ । ପିଲାଙ୍କ ଶାରୀରିକ ତଥା ମାନସିକ ବିକାଶରେ ଡ୍ରାଏ ଫ୍ରୁଟ୍ସର ଆବଶ୍ୟକତା ରହିଛି । ଯେତେ ପ୍ରକାର ନଟ୍ସ ଅଛି ପିଲାଙ୍କୁ ଦିଅନ୍ତୁ । କାରଣ ଏଥିରେ ପ୍ରୋଟିନ ରହିଛି ।

ଆଜିକାଲିର ପିଲାମାନେ ନିଜର ବୟସ ଅନୁସାରେ ଖାଦ୍ୟ ପସନ୍ଦ କରିଥାଆନ୍ତି । ପୁଣି ଛୋଟ ପିଲାଙ୍କର ଚଟପଟିଜାତୀୟ ଖାଦ୍ୟ ଖାଇବାକୁ ଅଧିକ ପସନ୍ଦ । ମାତ୍ର ସେତେବେଳେ ବୁଝିପାରନ୍ତି ନାହିଁ ଯେ, ଏହି ବୟସରେ କେଉଁ ଖାଦ୍ୟ ଖାଇବା ଠିକ ବା ଭୁଲ । ତେଣୁ ଏ ସମୟରେ ମା'ବାପା ପିଲାମାନଙ୍କୁ ଜଗିବା ଦରକାର । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେମାନେ ଯେଉଁ ଖାଦ୍ୟ ଖାଉଛନ୍ତି ତାହା ହାଇଜେନିକ ହେବା ନିହାତି ଜରୁରୀ । ସେମାନେ ବାହାର ଖାଦ୍ୟ ଯେତେ କମ ଖାଇବେ ତାହା ସେମାନଙ୍କ ପାଇଁ ସେତେ ଭଲ । ପିଲାମାନଙ୍କୁ ଘରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ସବୁବେଳେ ଦେଲେ


ଜୟନ୍ତୀ ପଣ୍ଡା

ସେମାନଙ୍କର ଶାରୀରିକ ଏବଂ ମାନସିକ ବିକାଶ ଠିକ ଭାବରେ ହୋଇଥାଏ । ପିଲାଙ୍କ ବ୍ରେନ ଡେଭଲପମେଣ୍ଟ ପାଇଁ କୋଲେଷ୍ଟରଲ ଯୁକ୍ତ ଖାଦ୍ୟ ନିହାତି ଜରୁରୀ । ସେଥିପାଇଁ ତାଙ୍କ ଖାଦ୍ୟରେ ଘିଅକୁ ସାମିଲ କରିପାରିବେ । ସେମାନଙ୍କୁ ଓମେଗା ଫ୍ୟାଟଯୁକ୍ତ ଖାଦ୍ୟ, ଆଲମଣ୍ଡ, ୱାଲନଟ୍, ଚିନାବାଦାମ, କାଜୁବାଦାମ ଆଦି ଖାଇବାକୁ ଦିଅନ୍ତୁ । ଶୀତଦିନେ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଦୁଗ୍ଧଜାତୀୟ ଖାଦ୍ୟ, ଭିଟାମିନ ଗଇ'ରେ ପରିପୂର୍ଣ୍ଣ ଅଁଳା, ପାଚିଲା କଦଳୀ, ଅମୃତଭଣ୍ଡା, ମାଣ୍ଡିଆ ଯାଉ, ଗାଜର ହାଲୁଆ ଆଦି ଖାଇବାକୁ ଦିଅନ୍ତୁ । ସବୁଜ ପନିପରିବାରେ ପ୍ରସ୍ତୁତ ଖାଦ୍ୟ, କ୍ୟାଲସିୟମଯୁକ୍ତ ଖାଦ୍ୟ ମାଣ୍ଡିଆ, ରାଶି, କୋଳଥ ଡାଲି, ଶାଗ ଆଦି ସେମାନଙ୍କର ଖାଦ୍ୟ ତାଲିକାରେ ସାମିଲ କରନ୍ତୁ । ଆଉ ଏକ କଥା ହେଲା ସେମାନଙ୍କର ଜୀବନଶୈଳୀ । ଆଜିକାଲି ଅଧିକାଂଶ ପିଲା ସ୍କୁଲ ଘର ଟ୍ୟୁସନ ଭିତରେ ସୀମିତ ରହିଯାଉଛନ୍ତି । ସେମାନଙ୍କୁ ଆଉଟଡୋର ଆକ୍ଟିଭିଟି ସହ ଜଡ଼ିତ କରାନ୍ତୁ । ବିଭିନ୍ନ ପ୍ରକାର ଖେଳ ଖେଳିବା ଦ୍ୱାରା ତାହାର ସୁପ୍ରଭାବ ସେମାନଙ୍କ ମାନସିକତା ଉପରେ ପଡ଼ିଥାଏ । ପିଲାମାନଙ୍କୁ ମାଛ, ମାଂସ ଖାଇବାକୁ ଦେଲେ ତାହା ସେମାନଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ । ଏହି ସିଜନରେ ଯେଉଁ ଫଳ ଓ ପନିପରିବା ମିଳୁଛି ତାକୁ ପିଲାମାନେ ଖାଇବା ଆବଶ୍ୟକ ।

*ଫରିଦାବାଦ, ହରିୟାନା*

# ନଦୀଜଳ ପ୍ରଦୂଷଣ : ଜଳପ୍ରବାହ କମୁଛି

ଦିନକୁ ଦିନ ଦେଶ ତଥା ରାଜ୍ୟରେ ଜଳ ପ୍ରଦୂଷଣ ବଢ଼ିବାରେ ଲାଗିଛି । ଶିଳ୍ପାୟନ, ସହରୀକରଣ, ଆଧୁନିକୀକରଣ ମୋହରେ ମଣିଷ ସମାଜ ଜଳଉତ୍ସକୁ ପ୍ରଦୂଷଣ କରିବାରେ ଲାଗିଛି । ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିବା ଭଳି ଜଳ ପ୍ରଦୂଷଣ ମଣିଷ ସମାଜ ପାଇଁ ଆଧିକ ସମସ୍ୟା ସୃଷ୍ଟି କରିଛି । ଆଗାମୀ ଦିନରେ ମଧ୍ୟ ଏଥିପାଇଁ ମଣିଷ ସମାଜକୁ ବହୁ ମୂଲ୍ୟ ଦେବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି । ଓଡ଼ିଶାରେ ପ୍ରବାହିତ ନଦୀ ଗୁଡ଼ିକର ଶଯ୍ୟାରେ ପୋତି ହେବା ସହିତ ଜଳ ପ୍ରବାହ ଓ ଜଳ ସାଧାରଣ କ୍ଷମତା କମିବା ଏବଂ ପ୍ରଦୂଷଣ ବଢ଼ିବା ଯୋଗୁଁ ନଦୀଗୁଡ଼ିକର ସମସ୍ୟା ବଢୁଛି । ଏଥିଯୋଗୁ ଜଳସେଚନ, ପାନୀୟଜଳ ଯୋଗାଣ, ବିଦ୍ୟୁତ ଉତ୍ପାଦନ, ମତ୍ସ୍ୟ ଉତ୍ପାଦନ ସହିତ ଭବିଷ୍ୟତରେ ରୋଗବ୍ୟାଧି ବଢ଼ିବା ସହିତ କୃଷି ଓ ଶିଳ୍ପ ମଧ୍ୟରେ ଗୁରୁତର ଭାବେ ପ୍ରଭାବିତ ହେବ ବୋଲି ପରିବେଶବିତମାନେ ଆଶଙ୍କା କରୁଛନ୍ତି । ଏହି କ୍ରମରେ ପ୍ରାକୃତିକ ବିପର୍ଯ୍ୟୟ ଜଳଉତ୍ସର ମନୁଷ୍ୟକୃତ ଅପବ୍ୟବହାର ଭୂତଳ ଜଳ ପରିମାଣକୁ ହ୍ରାସ କରୁଥିବାବେଳେ ବର୍ଜ୍ୟବସ୍ତୁମାନ ନଦ ନଦୀରେ ମିଶିବା ଯୋଗୁଁ ଏବେ ଅଧିକାଂଶ ନଦୀଜଳରେ ବିଷାକ୍ତ ଜହର ପ୍ରବାହିତ ହେଉଛି । ଜଳଭାବ ଆମ ରାଜ୍ୟ ପାଇଁ ଏକ ବଡ଼ ସମସ୍ୟା ଭାବେ ମୁଣ୍ଡ ଟେକିଥିଲାବେଳେ ଏବେ ଜଳ ପ୍ରଦୂଷଣ ଏହାର ଭୟାବହାକୁ ଆହୁରି ତୀବ୍ର କରିଛି ।

ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ଖୁବଶୀଘ୍ର ଓଡ଼ିଶା ଏକ ଉତ୍କଟ ଜଳସଙ୍କଟ ରାଜ୍ୟରେ ପରିଣତ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ ।

ମହାନଦୀ ସମେତ ଏହାର ଶାଖାନଦୀ ଏବଂ ରାଜ୍ୟର ପ୍ରମୁଖ ନଦନଦୀ ଗୁଡ଼ିକ ପ୍ରଦୂଷିତ ହୋଇଥିବା ପରୀକ୍ଷଣରୁ ଜଣାପଡ଼ିଛି । ଗୋଟିଏ ପଟେ ମୌସୁମୀ ଋତୁରେ ବି ଏହି ପ୍ରମୁଖ ନଦନଦୀରେ ଆବଶ୍ୟକୀୟ ଜଳପ୍ରବାହ କମ ରହୁଛି ଏବଂ ଅପରପକ୍ଷରେ ଓଡ଼ିଶାର ଜନଜୀବନକୁ ପ୍ରବାହିତ କରୁଥିବା ଏହି ଜଳାଧାର ବିଭିନ୍ନ କାରଣରୁ ବିଷାକ୍ତ ହେଉଛି । ଉପକୂଳ ଓଡ଼ିଶାର ପ୍ରମୁଖ ମହାନଦୀ, କାଠଯୋଡ଼ି, ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା, ଋଷିକୂଲ୍ୟା ନଦୀ ଏବଂ ଏହାର ଶାଖା ଓ ଉପନଦୀ ଗୁଡ଼ିକ ମଧ୍ୟ ପ୍ରଦୂଷଣର ଶିକାର ହୋଇଥିବା ସରକାରୀ ଭାବେ କୁହାଯାଇଛି । ରାଜ୍ୟର ଦୁଇ ପ୍ରମୁଖ ସହରାଞ୍ଚଳ ଭୁବନେଶ୍ୱର ଓ କଟକ ଉପକଣ୍ଠ ଦେଇ ପ୍ରବାହିତ ନଦନଦୀରେ ମିଶୁଛି । ସହରାଞ୍ଚଳ ଏବଂ ଶିଳ୍ପଦ୍ୟୋଗଗୁଡ଼ିକରେ ଆବର୍ଜନା ଓ ବର୍ଯ୍ୟବସ୍ତୁ ସହରରୁ ବାହାରୁଥିବା ବିପୁଳ ପରିମାଣର ବର୍ଜ୍ୟବସ୍ତୁ ମିଶ୍ରିତ ବିଷାକ୍ତ ବିଶୋଧନ କରିବା ପାଇଁ କୌଣସି ଠାରେ ବି ଜଳ ବିଶୋଧନଗାର ପ୍ରତିଷ୍ଠା କରାଯାଇନାହିଁ ।


ଗିରିଧାରୀ ସାମଲ

ପ୍ରଦୂଷିତ ନଦୀ ଜଳ ବ୍ୟବହାର କରିବା ଦ୍ୱାରା ନଦୀ କୂଳରେ ବସବାସ କରୁଥିବା ଜନବସତିର ସାଦାରଣ ଲୋକେ ଏବଂ ଗୃହ ପାଳିତ ପଶୁ ଏହାର ଶୀକାର ହେଉଛନ୍ତି । କଟକ ସହରର ଅପରିଷ୍କାର ଜଳ ମିଶୁଥିବା କାଠଯୋଡ଼ିର ଖାନନଗର ଠାରେ ବର୍ଜ୍ୟଜଳ ବିଶୋଧନାଗାରର କାମ କରୁନାହିଁ । ନଦୀଜଳକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଗ୍ରୀନ ଟ୍ରିବ୍ୟୁନାଲର ସ୍ୱତନ୍ତ୍ର ଗାଇଡ଼ଲାଇନ ଥିଲେ ମଧ୍ୟ ଏହାକୁ କେହି ମାନୁନାହାଁନ୍ତି । ରାଜ୍ୟର ପ୍ରମୁଖ ନଦୀ ମହାନଦୀର ଉପରମୁଣ୍ଡ ଛତିଶଗଡ଼ ଠାରେ ନଦୀବନ୍ଧ ଓ ବ୍ୟାରେଜ ନିର୍ମାଣ ଯୋଗୁଁ ନଦୀରେ ସ୍ୱାଭାବିକ ଜଳପ୍ରଭାବ ଗୁରୁତର ଭାବେ ପ୍ରଭାବିତ ହୋଇଛି । ବିଭିନ୍ନ ସାମାଜିକ ଓ ପ୍ରାକୃତିକ ସଂଘାତ କାରଣରୁ ଆମ ରାଜ୍ୟର ବିଭିନ୍ନ ନଦୀର ଜଳ ଉତ୍ସ କ୍ରମେ ହ୍ରାସ ପାଉଛି । ରାଜ୍ୟର ପାହାଡ଼ିଆ ଉଚ୍ଚତମ ଅଞ୍ଚଳରେ ଜଳାଭାବ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରୁଥିବାବେଳେ ଆଶ୍ଚର୍ଯ୍ୟଜନକ ଭାବେ ଉପକୂଳ ଜିଲ୍ଲାରେ ମଧ୍ୟ ଜଳସଙ୍କଟ ଦେଖାଦେଲାଣି ।

ନଦୀ ଜଳ ପ୍ରଦୂଷଣରେ ୨ଟି କାରଣ ରହିଛି । ନଦୀକୂଳରେ ଇଣ୍ଡଷ୍ଟ୍ରି ଓ ବହୁ ପରିମାଣରେ ଖଣିଖାଦାନ ଅଛି । କିନ୍ତୁ ଟ୍ରିଟମେଣ୍ଟ ପ୍ଲାଣ୍ଟ ଆଜି ଯାଏ ନିର୍ମାଣ କରାଯାଇନାହିଁ । ଯଦିବା କେଉଁଠି ଅଛି ତାହା ଅଚଳ ହୋଇ ପଡ଼ିଛି । ମାଇନିଂ ଦ୍ୱାରା ନଦୀ ଜଳ ବେଶୀ ମାତ୍ରାରେ ପ୍ରଦୂଷିତ ହେଉଛି । ଏଥିପାଇଁ ଥିବା ଆଇନକୁ ସରକାର କମ୍ପାନୀ ଉପରେ ପ୍ରୟୋଗ କରୁନାହାନ୍ତି କି କମ୍ପାନୀ କର୍ତ୍ତୃପକ୍ଷ ବି ଶୁଣୁ ନାହାନ୍ତି । ଅନ୍ୟପକ୍ଷରେ ସହରୀ ଆବର୍ଜନା ନଦୀଜଳ ପ୍ରଦୂଷଣ ହେବାର ଅନ୍ୟତମ କାରଣ ସାଜିଛି । ଏ ନେଇ ଲୋକଙ୍କର ସଚେତନତାର ଅଭାବ ରହିଛି କୌଣସି ସ୍ଥାନରେ ପ୍ରତିକାର କରାଯାଉନାହିଁ । ଆଇନ କାର୍ଯ୍ୟକାରୀ କରାଗଲେ ଅନେକ ନଦୀରୁ ପ୍ରଦୂଷଣକୁ ରୋକାଯାଇପାରନ୍ତା ।

ଓଡ଼ିଶାରେ ଥିବା ୧୧ଟି ନଦୀ ଏବେ ପ୍ରଦୂଷଣର ଶିକାର ହୋଇଛି । ଏହା ଏବେ ଆଉ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ । ଜଳ ପ୍ରବାହ କମିବା ଦ୍ୱାରା ପ୍ରାକୃତିକ ଭାବେ ପ୍ରଦୂଷଣ ମୁକ୍ତ ହୋଇପାରୁନାହିଁ । ସହରୀ ଆବର୍ଜନା ସହିତ ଶିଳ୍ପ ବର୍ଜ୍ୟ ବସ୍ତୁଗୁଡ଼ିକ ଦାୟିତ୍ୱହୀନତା ଭାବେ ଛଡ଼ାଯାଉଛି । ନଦୀ କୂଳରେ ମଳତ୍ୟାଗ କରିବା, ଡଷ୍ଟବିନ ଭାବେ ବ୍ୟବହାର କରିବା ଏପରିକି ନଦୀ କୂଳକୁ ଡମ୍ପିୟାର୍ଡ଼ ଭାବେ ବ୍ୟବହାର କରିବା, ସହରର ଆବର୍ଜନା ଗୁଡ଼ିକୁ ବିଶୋଧନ କରି ଛାଡ଼ିବା ସହିତ ଶିଳ୍ପ ବର୍ଜ୍ୟ ବିଶୋଧନାଗାର ନିର୍ମାଣ କରିବା ନିହାତି ଜରୁରୀ ହୋଇପଡ଼ିଛି । ଏହି ଲେଖକର ଜନ୍ମସ୍ଥାନ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ରାଜକନିକାରେ । ନଦୀ, ନାଳ ଘେରା ଓ ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ଗ୍ରାମ୍ୟ ଜୀବନରେ ନଦୀକୂଳର ଦୁଃଖ ମର୍ମେମର୍ମେ ଅନୁଭବ ରହିଛି । ସେହିପରି ନଦୀ ଜଳ ପ୍ରଦୂଷଣରେ ଆମ୍ଭ ମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କାରଣ ଆମେ ଅନେକ ସମୟରେ ନଦୀ ଭିତରକୁ ଆବର୍ଜନା ନିଷ୍କାସନ କରୁଛେ ଓ ଆମର ଘରର ଅଳିଆ ଆବର୍ଜନା ମଧ୍ୟ ନଦୀ ଭିତରକୁ ଯାଉଛି ତେଣୁ ଏ କ୍ଷେତ୍ରରେ ଆମ୍ଭ ମାନଙ୍କ ଭିତରେ ସଚେତନତା ବଢ଼ିବା ଜରୁରୀ ।

*ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ,*
*ତୁଳସୀପୁର, କଟକ,*
*ଦୂରଭାଷ : ୯୪୩୭୪୫୦୧୧୪*

# ଅତ୍ୟନ୍ତ ଖରାପ ଓ ଅସୁନ୍ଦର

ଏଥିରେ କେହି ଦ୍ୱିମତ ହେବେ ଯେ, କେନ୍ଦ୍ରରେ କ୍ଷମତାସୀନ ସରକାରଙ୍କ ଦ୍ୱାରା ନିଯୁକ୍ତ ରାଜ୍ୟପାଳ କିମ୍ବା ଉପ-ରାଜ୍ୟପାଳ ଏବଂ ବିରୋଧି ଦଳ ଶାସିତ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ନୂଆ ନୁହେଁ । ବିଶେଷ କରି ସତୁରୀ ଦଶକରୁ ବିରୋଧି ଦଳର ରାଜ୍ୟ ସରକାରଙ୍କ ବିବାଦ, ମତଭେଦ ମୁଣ୍ଡ ଟେକିଛି । ଯେଉଁଥିପାଇ କି ରାଜ୍ୟପାଳମାନେ କେନ୍ଦ୍ରର ଏଜେଂଟ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇ ଆସୁଛି । ଏଥିପାଇଁ ଅତୀତରେ କେନ୍ଦ୍ର ସରକାର ବହୁ ବିବାଦୀୟ ରାଜ୍ୟପାଳ ମାନଙ୍କୁ ପ୍ରତ୍ୟାହାର କରିନେଇଥିବା ବହୁ ନଜୀର ସାଂପ୍ରତିକ ସମୟରେ ଅର୍ଥାତ କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାରଙ୍କ ଦ୍ୱାରା ନିଯୁକ୍ତ ରାଜ୍ୟପାଳମାନଙ୍କର ଅଣ-ବିଜେପି ରାଜ୍ୟ କିମ୍ବା କେନ୍ଦ୍ର ଶାସିତ ଅଂଚଳ ସରକାରଙ୍କ ସହ ସମ୍ପର୍କ ଆଦୌ ଭଲ ନଥିବା ଜଣାଯାଏ । ଦିଲ୍ଲୀରେ ଆମ ଆଦମୀ ପାର୍ଟି କ୍ଷମତାସୀନ ହେବାପରେ କ୍ଷମତାକୁ ନେଇ ନିର୍ବାଚିତ ସରକାର ଏବଂ ଉପରାଜ୍ୟପାଳଙ୍କ ବିବାଦ ଏବେ ଅଦାଲତରେ ପହଁଚିଛି । ସେହିପରି କିଛି ବର୍ଷ ତଳେ କେନ୍ଦ୍ରଶାସିତ ଅଂଚଳ ପୁଡୁଚେରୀରେ ନିଯୁକ୍ତ ଜଣେ ଉପ-ରାଜ୍ୟପାଳଙ୍କୁ କେନ୍ଦ୍ର ସରକାର ଶେଷରେ ଅପସାରିତ କରିନେବାକୁ ବାଧ ହୋଇଥିଲେ । ସେହିପରି ପଶ୍ଚିମବଙ୍ଗରେ ପୂର୍ବତନ ରାଜ୍ୟପାଳ ଜଗଦୀପ ଧନକରଙ୍କ ସହ ରାଜ୍ୟ ସରକାରଙ୍କର ମୁହାଁ ମୁହିଁ ପରିସ୍ଥିତି କେହି ପାଶୋରୀ ନଥିବେ ବୋଧହୁଏ । ଏବେ କେରଳର ରାଜ୍ୟପାଳ ଅରି' ମହମ୍ମଦ ଖାଁଙ୍କ ଏବଂ ଛତିଶଗଡର ରାଜ୍ୟପାଳ ଅନସୂଆ ଭାଇଙ୍କର ରାଜ୍ୟ ସରକାରଙ୍କ ମଧ୍ୟରେ କ୍ଷମତା ବିବାଦ ଚରମ ସୀମାରେ ପହଁଚିଥିବାବେଳେ ସେମାନଙ୍କୁ ବିଶ୍ୱବିଦ୍ୟାଳୟ କୁଳାଧିପତି ପଦରୁ ହଟାଇବାକୁ ରାଜ୍ୟ ବିଧାନସଭାରେ ବିଲ୍ ଗୃହୀତ ହୋଇଛି । ତେବେ ତାମିଲନାଡୁର ରାଜ୍ୟପାଳ ଆରଏନ ରବିଙ୍କ ଆଚରଣ ଓ ଉଚ୍ଚାରଣ ସମସ୍ତ ବିବାଦଠାରୁ ବଳିଯାଇଛି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ । ତାମିଲନନାଡୁ ବିଧାନସଭାର ବଜେଟ ଅଧିବେଶନରେ ରାଜ୍ୟପାଳ ରବି ଉଦବୋଧନ ଦେବାବେଳେ ଶାସକ ଦଳ ସହ ବିବାଦ ଯୋଗୁଁ ଗୃହ ଛାଡି ଚାଲିଯିବା ଏକ ଅପ୍ରିତିକର ପରିସ୍ଥିତି ସୃଷ୍ଟି କରିଛି । ଯାହାକି ଭାରତୀୟ ଗଣତାନ୍ତ୍ରୀକ ରାଜନୈତିକ ଦୃଶ୍ୟ ପଟରେ ପ୍ରଥମ ଘଟଣା ବୋଲି କୁହାଯାଏ । ସାଧାରଣତଃ ରାଜ୍ୟପାଳମାନେ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ବିବରଣୀ ବିଧାନସଭାରେ ପାଠ କରିଥାନ୍ତି । ଯାହା ସରକାରଙ୍କ ପ୍ରଚାରପତ୍ର(ପାମ୍ପଲେଟ) ଭାବେ ଜଣାଶୁଣା । ମାତ୍ର ରାଜ୍ୟପାଳ ରବି ଉଦବୋଧନ ଦେବା ସମୟରେ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ବିବରଣୀର କିଛି ଅଂଶବାଦ ଦେଇ ନିଜ ମନରୁ କିଛି ବକ୍ତବ୍ୟ ରଖିଥିଲେ । ଯାହାକୁ ମୁଖ୍ୟମନ୍ତ୍ରୀ ଏମ.ଷ୍ଟାଲିନ ଓ ଶାସକ ଦଳର ସଦସ୍ୟମାନେ ବିରୋଧି କରିବା ସହ ରାଜ୍ୟପାଳଙ୍କ ମନରୁ ଦେଇଥିବା ମନ୍ତବ୍ୟକୁ ଗୃହର ବିବରଣୀରୁ ବାଦ ଦେବା ପାଇଁ ଏକ ପ୍ରସ୍ତାବ ବିଧାନସଭାରେ ଗୃହୀତ କରାଇଥିଲେ । ଏହି ଘଟଣା ପରେ ରାଜ୍ୟପାଳ ଅଧାରୁ ଗୃହଛାଡି ଚାଲିଯାଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ପ୍ରସ୍ତୁତ ବିବରଣୀରେ ଡିଏମକେ ସରକାର ଦ୍ରାବିଡୟାନ ମଡେଲରେ ଶାସନ ଚଳାଇଥିବା ଏବଂ ତାମିଲ ନେତା ପେରିଆର ଇ.ଭି. ରାମସ୍ୱାମୀ, ପୂର୍ବତନ ମୁଖ୍ୟମନ୍ତ୍ରୀ କେ.କାମରାଜ(କଂଗ୍ରେସ), ସି.ଏନ.ଅନ୍ନାଦୁରାଇ, ଏମ.କରୁଣାନିଧି(ଡିଏକମେ) ଏବଂ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ସମ୍ବିଧାନ ପ୍ରଣେତା ବି ଆର ଆମ୍ବେଦକରଙ୍କ ନାମ ବିବରଣୀ ଉଲ୍ଲେଖଥିବା ସତ୍ୱେ ରାଜ୍ୟପାଳ ଛାଡି ଯାଇଥିଲେ । ଆହୁରି ମଧ୍ୟ ରାଜ୍ୟରେ ସାଂପ୍ରଦାୟିକ ସଦ୍‌ଭାବ ବଜାୟ ରଖିବାକୁ ସରକାର ସଂକଳ୍ପବଦ୍ଧ ଥିବା ନେଇ ବିବରଣୀରେ ଥିବା ପାରାକୁ ରାଜ୍ୟପାଳ ନିଜ ପାଠରୁ ବାଦ ଦେଇଥିଲେ । ରାଜ୍ୟପାଳଙ୍କ ଏପରି ଆଚରଣକୁ ଶାସକ ଦଳ ବିରୋଧି କରିବା ସ୍ୱାଭାବିକ ବିବରଣୀ ରାଜ୍ୟପାଳଙ୍କ ଶାସନର ଦର୍ପଣ ହୋଇଥିବାବେଳେ ବିବରଣୀରେ ଥିବା ନାମମାନଙ୍କ ମଧ୍ୟରୁ କେହି ବିବାଦୀୟ କିମ୍ବା ମିଥ୍ୟା ନୁହଁନ୍ତି କି ଅସାମ୍ବିଧାନିକ ନୁହଁନ୍ତି । ତେବେ ରାଜ୍ୟପାଳ କାହିଁକି ଏସବୁ ଆପତିଜନକ ଭାବିଲେ, ବୁଝାପଡୁ ନାହିଁ । ରାଜ୍ୟପାଳଙ୍କ ଉଚ୍ଚାରଣ ଏବଂ ଆଚରଣ ନିଶ୍ଚିତ ଭାବେ ପ୍ରଚଳିତ ରୀତି, ନୀତି ଓ ପାରମ୍ପରିକ ଉଲଂଘନ । ସମ୍ବିଧାନର ଉଂଲଘନ ବୋଲି କୁହାଯାଇପାରିବ । ରାଜ୍ୟପାଳ ପଦବୀ ଏକ, ସାମ୍ବିଧାନିକ ପଦବୀ ଏବଂ ମନ୍ତ୍ରୀମଣ୍ଡଳର ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବା ଉଚିତ୍ । ଅନ୍ୟଥା ଭାରତୀୟ ଗଣତାନ୍ତ୍ରୀକ ଶାସନ ବ୍ୟବସ୍ଥା ବିଶୃଙ୍ଖଳା ମୁହାଁ ହେବ, ଏଥିରେ ସନ୍ଦେହ ନାହିଁ, ଏହା ନିଶ୍ଚିତ ଯେ, ରାଜ୍ୟପାଳଙ୍କ ଆଚରଣ ଓ ଉଚାରଣ ଅତ୍ୟନ୍ତ ଖରାପ ଓ ଅସୁନ୍ଦର । ରାଜ୍ୟପାଳ ରବି ଜଣେ ପୂର୍ବତନ ପୋଲିସ ଓ ଆଇବି ଅଧିକାରୀ । ସେ ସରକାରଙ୍କୁ ତାଙ୍କର ବିରୋଧଭାସ ନୁହେଁ ପ୍ରଶାସନିକ ଦକ୍ଷତା, ବିଜ୍ଞତା ପ୍ରଦର୍ଶନ କରିବା ଉଚିତ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,*
*ଶିଶୁପାଳଗଡ,-୭୫୧୦୦୨*
*ମୋବାଇଲ ନଂ-୯୪୩୭୯୯୪୩୭୯*

# ବିନା ବ୍ୟୟରେ ବ୍ୟାଧି ବିନାଶର ବୀଜମନ୍ତ୍ର

ଏଇ ଆଠଶହ କୋଟି ଜନସଂଖ୍ୟା ପୃଥିବୀର ସମସ୍ତ ଜନଗଣ ଚାହାଁନ୍ତି - ରୋଗମୁକ୍ତ, କ୍ଷୁଧାମୁକ୍ତ, ପାପମୁକ୍ତ ସମାଜ । ଏ ତିନୋଟି ମହା ଶକ୍ତିଶାଳୀ ଶବ୍ଦ ରୋଗ, କ୍ଷୁଧା, ପାପ ଯେଉଁଦିନ ବିନାଶ ହେବ - ସେଦିନ ଜାଣିବ ସମଗ୍ର ବିଶ୍ୱରେ ଶାନ୍ତି, ସୁଖ, ସନ୍ତୋଷ ବିରାଜମାନ କରିବ । ଏ ଧରିତ୍ରୀରେ ସବୁ ଜୀବଜନ୍ତୁ କିଛିନା କିଛି ରୋଗରେ ଆକ୍ରାନ୍ତ । ରୋଗରୁ ମୁକ୍ତି ପାଇବା ପାଇଁ ମଣିଷ ସିନା ତା'ର ସଞ୍ଚିତ ଧନରୁ ପାରୁପର୍ଯ୍ୟନ୍ତ ଖର୍ଚ୍ଚ କରେ, ତଥାପି ଅଧିକାଂଶ ମଣିଷ ରୋଗରେ ମରନ୍ତି । ଏବେ ୨୦୧୯ ମସିହାରୁ ଆଜି ପର୍ଯ୍ୟନ୍ତ ଏକ ଅଦୃଶ୍ୟ କ୍ଷୁଦ୍ରାତିକ୍ଷୁଦ୍ର ଭୂତାଣୁ କରୋନା କବଳରେ ସମଗ୍ର ବିଶ୍ୱରେ ଜନଗଣ କବଳିତ । କରୋନାର କୋକୁଆ କୁହାଟରେ ସମସ୍ତେ ଆତଙ୍କିତ । ଏହି ରାକ୍ଷସ ଠାରୁ ମୁକ୍ତି ପାଇବାପାଇଁ ଏପର୍ଯ୍ୟନ୍ତ କୌଣସି ନିଦାନ ବାହାରିନାହିଁ । ଚାହୁଁ ଚାହୁଁ ଲକ୍ଷ ଲକ୍ଷ ଲୋକଙ୍କ ଅମୂଲ୍ୟ ଜୀବନ ଆଖି ପିଛୁଳାକେ ଚାଲିଯାଉଛି । ସରକାରୀ-ବେସରକାରୀ ସ୍ତରରେ ମହାମହା ଚିକିସ୍ତକ ମଧ୍ୟ ଏହାର ନିଦାନ ପାଇଁ ଔଷଧ ଉଦ୍‌ଭାବନ ଏ ପର୍ଯ୍ୟନ୍ତ କରିପାରିନାହାଁନ୍ତି । ଲକ୍ଷ ଲକ୍ଷ କୋଟି ଖର୍ଚ୍ଚ କରି ଗବେଷଣା ଚାଲିଛି ।

ଆମେ ତ ମଣିଷମାନଙ୍କ କଥା ଭାବୁଛେ - ଆମ ସାଙ୍ଗରେ ସାଥି ହୋଇଥିବା ପୋଷିତ ପଶୁପକ୍ଷୀ ଓ ବାହାରେ ମୁକ୍ତ ଭାବେ ବିଚରଣ କରୁଥିବା କୋଟି କୋଟି ପଶୁପକ୍ଷୀମାନଙ୍କୁ ମଧ୍ୟ ରୋଗ ଛାଡେନା । ଅବଶ୍ୟ ଆମ ସରକାରମାନେ ପଶୁପକ୍ଷୀମାନଙ୍କ ଚିକିତ୍ସା ପାଇଁ କୋଟି କୋଟି ଖର୍ଚ୍ଚ କରୁଛନ୍ତି । ପଶୁପକ୍ଷୀ ସିନା କଥା କହିପାରନ୍ତିନାହିଁ, କିନ୍ତୁ ସେମାନଙ୍କ ରୋଗକଷ୍ଟର ଚିତ୍‌କାର ଆମମାନଙ୍କୁ ବ୍ୟଥିତ କରେ ।

ପ୍ରସାରିତ ପ୍ରକୃତିର ଚିତ୍ରିତ ଚୌହଦି ଆମ ଚାରିପଟେ । ଫୁଲଫଳ ପନିପରିବାଠୁ ଔଷଧୀୟ ବୃକ୍ଷଲତାରେ ଭରପୁର ଏ ଭବ୍ୟ ପ୍ରକୃତିର ଭବଭଣ୍ଡାର । ଅଥଚ ଆମର କୃତିମ ଜୀବନଶୈଳୀ ଆମକୁ ମୁହାଁଇନେଉଛି ବିଭିନ୍ନ ବ୍ୟାଧିର ବିଡମ୍ବନା ସହିତ ଅକାଳ ବାର୍ଦ୍ଧକ୍ୟ ଆଡେ । ଛଅ ଋତୁରେ ଛପନ ଭୋଗ - ଛଟପଟ ଆମେ । ପ୍ରକୃତି ଉପରେ ପତିଆରା ଥାପି ମୁକୁଳିଯିବା କି ବିକୃତିରୁ ? ବିଶାଳ ପ୍ରକୃତି ହିଁ ପ୍ରଦାନ କରିଛି ବିନା ବ୍ୟୟରେ ବ୍ୟାଧି ବିନାଶର ବୀଜମନ୍ତ୍ର ।

ପ୍ରକୃତରେ ଅନେକ ସରଳ ସହଜ କଥାକୁ ଆମେ ଅଣଦେଖା କରିଥାଉ । ଜନ୍ମହେଲେ ମୃତ୍ୟୁ ଯେମିତି ଅବଧାରିତ, ଶରୀର ଥିଲେ ବ୍ୟାଧି ସେମିତି ନିଶ୍ଚିତ । ଆଜିକାଲି ସାମାନ୍ୟ ରୋଗ ଉପଶମ ଯେତେ ବ୍ୟୟବହୁଳ ହେଉଛି, ସାଧାରଣ ଲୋକଙ୍କୁ ବେଶ୍ ବାଧୁଛି । ଆମ ଚାରିପାଖରେ ଏତେବେଶୀ ଔଷଧୀୟ ବୃକ୍ଷଲତା ଅଛି, ଯାହାର ଦ୍ରବ୍ୟଗୁଣ ଆମେ ଜାଣୁପାରୁନେ କିମ୍ବା ଜାଣିବାକୁ ଇଚ୍ଛା କରୁନେ ।

ଜଣେ ମଣିଷ କିଭଳି ରୋଗମୁକ୍ତ ନିତ୍ୟ ନିରାମୟ ଜୀବନଯାପନ କରିବ, ପୁଣି ବିନା ବ୍ୟୟରେ ଏ କଥାକୁ ଯଦି ଟିକେ ଦୃଷ୍ଟି ଦେବା ତା'ହେଲେ ଆହାଃ - ଆମ ଜୀବନଟା କି ଆନନ୍ଦମୟ ହୋଇଯାଆନ୍ତା । ଏବେ ଆସନ୍ତୁ ଆମ୍ଭେମାନେ କିଭଳି ବିନା ବ୍ୟୟରେ ବ୍ୟାଧି ବିନାଶ କରିବା - ସେ ସଂପର୍କରେ କିଞ୍ଚିତ୍ ଆଲୋଚନା କରିବା । ପ୍ରଥମେ ମୋ ନିଜଠାରୁ ଆରମ୍ଭ କରୁଛି । ମୁଁ ସବୁବେଳେ ବୟସକୁ ବେଖାତିର କରି ରାତିଦିନ ସାମାଜିକ ଆନ୍ଦୋଳନ, ଲେଖାଲେଖିରେ ବ୍ୟସ୍ତ ।

ସବୁଠୁ ବଡ ଆଶ୍ଚର୍ଯ୍ୟର ଏକ ଘଟଣା ଆପଣଙ୍କ ପାଖରେ ବଖାଣୁଛି । ମୁଁ ସବୁବେଳେ ଚଳଚଞ୍ଚଳ - ପରିବାର ପ୍ରତି ନଜର ନଦେଇ ଲୋକଙ୍କ କାମରେ ସବୁବେଳେ ବ୍ୟସ୍ତ । ଏଇ ୨୦୨୦ରୁ ୨୦୨୨ ନଭେମ୍ବର ପର୍ଯ୍ୟନ୍ତ ବିଶେଷ କୁଆଡେ ନଯାଇ ଘରେ ବସି ଖାଲି ଚା'ପାନ ଖାଇ ପ୍ରାୟ ସକାଳ ଆଠଟାରୁ ଉଠି ଚିରାଚରିତ ଅଭ୍ୟାସ ସକାଳର ଓଡିଆ, ଇଂରାଜୀ, ବଙ୍ଗଳା, ହିନ୍ଦି ଖବରକାଗଜ ପାଖାପାଖି ୩୨ଟାକୁ ପଢିବାକୁ ଆରମ୍ଭ କରେ। ମୋତେ ମଧୁମେହ ରୋଗ । ପତ୍ନୀ ଇନ୍ଦିରା ଦାସ ତାଗିଦ୍ କରିବାରୁ ଦିନ ୧୦ଟାରୁ ୧୧ଟା ଭିତରେ ନିତ୍ୟକର୍ମ ସାରି ଔଷଧ ଓ ଜଳଖିଆ ସେବନ କରେ । ପୁଣି ସେଇ ୧୧ଟାରୁ ମୋ ପାଖକୁ ଆସୁଥିବା ଲୋକଙ୍କ ସହ କଥାବାର୍ତ୍ତା, ଚର୍ଚ୍ଚା, ଫୋନ୍‌ରେ ମଧ୍ୟ କଥାବାର୍ତ୍ତା କରୁକରୁ ଦିନ ସାଢେ ଗୋଟାଏ ବାଜିଯାଏ । ଠିକ୍ ମଧ୍ୟାହ୍ନ ୨ଟା ବେଳେ ଭୋଜନ କରି ପୁଣି ଘଣ୍ଟେ ବାହାରେ ବସି ଫୋନ୍‌ରେ କଥାବାର୍ତ୍ତା କରେ । ୪ଟା ବେଳେ ଶୋଇପଡେ। ଠିକ୍ ୫ଟାରେ ଉଠି ଚା' ପିଇ ପୁଣି ଘରପାଖକୁ ଆସୁଥିବା ଲୋକଙ୍କ ସହ କଥାବାର୍ତ୍ତା କରେ । ଠିକ୍ ସଂଧ୍ୟା ୭ଟା ବେଳକୁ ଟିଭି ପାଖରେ ବସି ସମ୍ବାଦଠାରୁ ଆରମ୍ଭକରି ସିରିଏଲ୍ ଦେଖୁ ଦେଖୁ ରାତି ୧୦ଟା ବାଜିଯାଏ । ରାତ୍ରଭୋଜନ ସାରି ଶୋଇଲାବେଳକୁ ରାତି ୧୨ଟା ବାଜିଯାଏ । ସାରାଦିନ ଭିତରେ କେବଳ ସମ୍ବାଦପତ୍ରକୁ ନିବନ୍ଧ ଲେଖି ପଠାଇବା ଛଡା ଆଉ ପୂର୍ବ ଅଭ୍ୟାସଗତ ଗଳ୍ପ, ଉପନ୍ୟାସ, ତତ୍ତ୍ୱ ସମ୍ବଳିତ ଲେଖା ଲେଖି ନଥାଏ । ଏହି ଅଭ୍ୟାସ ଫଳରେ ମୋ ପେଟ ବଢିଗଲା । ସବୁ ପ୍ୟାଣ୍ଟ୍ ଟାଇଟ୍ ହୋଇଗଲା । ଦେହ ଖରାପ ହେଲେ ପୁଅ ଆକାଶ ନେଇ ଭୁବନେଶ୍ୱରରେ ଚିକିତ୍ସା କରାଇଲା । ସମସ୍ତେ ଚିନ୍ତିତ ହୋଇଗଲେ । ମୋ ବଡଭାଇ ଦେବତୁଲ୍ୟ ୮୩ ବର୍ଷର ଚଳଚଞ୍ଚଳ ଦୀନବନ୍ଧୁ ନାୟକ ଗାଁରୁ ଆସି ମୋତେ ତାଗିଦ୍ କରନ୍ତି । ପୁଅ ମଧ୍ୟ ବାପାଙ୍କ ଏଭଳି ଅବସ୍ଥା ଦେଖି ଚିନ୍ତିତ । ହଠାତ୍ କ'ଣ ହେଲା କେଜାଣି ନଭେମ୍ବର ୩୦ ତାରିଖରୁ ପୁରା ବଦଳିଗଲି । ସୁକିନ୍ଦା ଖଣି ଅଞ୍ଚଳରୁ ବୁଲିଆସିଲା ପରେ ଆଉ ମୋତେ ସମ୍ଭାଳେ କିଏ ! ଏବେ ଭୋର୍ ୫ଟାରୁ ଉଠିପଡୁଛି । ପ୍ରଥମେ ଆଲୋବେରା ରସ ଏକ କପ୍, ନଖ ଉଷୁମ ଗରମପାଣି ଗ୍ଲାସେ ପିଇ ଚା' ଦିଖଣ୍ଡ ବିସ୍କୁଟ୍ ଖାଏ । ଠିକ୍ ସକାଳ ୫.୫୫ ମିନିଟ୍‌ରେ ରେଡିଓ ଖୋଲି ଆକାଶବାଣୀ କଟକରୁ ଭଜନ ଶୁଣେ । ସକାଳ ସାଢେ ଛ'ଟାରୁ ଅଧଘଣ୍ଟେ ବଗିଚା ପାଖ ଖୋଲା ସ୍ଥାନରେ ଚାଲେ। ଠିକ୍ ୭ଟା ବେଳକୁ ସବୁ ଖବରକାଗଜ ଆସେ - ସବୁ ପଢେ । ତା' ଭିତରେ ଫୋନ୍ କରିବା, ଆସୁଥିବା ଲୋକଙ୍କ ସହ କଥାବାର୍ତ୍ତା, ତଳକୁ ଯାଇ ବଗିଚା, ଗଛପତ୍ରର ତଦାରଖ କରେ । ଠିକ୍ ୧୦ଟା ବେଳେ ନିତ୍ୟକର୍ମ ସାରି ଜଳଖିଆ ଔଷଧ ସେବନ କରି ପୁଣି ଲେଖାପଢା, କଥାବାର୍ତ୍ତା, ଯୋଗାଯୋଗରେ ଦିନ ୨ଟା ବାଜିଯାଏ । ଠିକ୍ ୨ଟା ବେଳେ ମଧ୍ୟାହ୍ନ ଭୋଜନ । ପରେ ଘଣ୍ଟେ ବିଶ୍ରାମ । ପୁଣି କାର୍ଯ୍ୟବ୍ୟସ୍ତ ରାତି ପ୍ରାୟ ସାଢେ ୧୧ଟା ପର୍ଯ୍ୟନ୍ତ । ଡିସେମ୍ବର ମାସ ପୁରା ପୂର୍ବଭଳି କାର୍ଯ୍ୟରେ ରାତିଦିନ ବ୍ୟସ୍ତ ରହିଲି । ଦୂରଦୂରାନ୍ତକୁ ଡାକରା ପାଇ ସବୁ ସଭାସମିତିରେ ଯୋଗଦେଲେ । ଏବେ ମୋ


ମାୟାଧର ନାୟକ

ପ୍ୟାଣ୍ଟ୍‌ଗୁଡାକ ଢିଲା ହୋଇଗଲାଣି । ପେଟ, ଓଜନ କମିଗଲାଣି । ମୋତେ ଯିଏ ଦେଖିବ ୭୭ ବର୍ଷର ମାୟାଧର ନାୟକ ବୋଲି କହିବ ନାହିଁ । ଏସବୁ ସଠିକ୍ ଅଭ୍ୟାସ୍ ଯୋଗୁ ବିନ୍ୟା ବ୍ୟୟରେ ସମ୍ଭବ ହୋଇପାରିଛି ।

ଆପଣମାନେ ବି ନିୟମାନୁଯାୟୀ ଅଭ୍ୟାସ କଲେ ବିନା ଖର୍ଚ୍ଚରେ ରୋଗମୁକ୍ତ ହେବେ, ନିରନ୍ତର ନିରାମୟ ଜୀବନଯାପନ କରିପାରିବେ । ଏ ପୃଥିବୀରେ ଯେତେ ଜୀବଜନ୍ତୁ ଅଛନ୍ତି ସେମାନଙ୍କ ମଧ୍ୟରୁ ମାନବ ଜୀବନ ସର୍ବଶ୍ରେଷ୍ଠ । ଜନ୍ମ-ମୃତ୍ୟୁ ମଝିରେ ମଣିଷ ଯେତେଦିନ ପର୍ଯ୍ୟନ୍ତ ବଞ୍ଚିରହିବ - ସେତେଦିନ ପର୍ଯ୍ୟନ୍ତ ସୁସ୍ଥ, ସୁଖକର, ଶାନ୍ତିପୂର୍ଣ୍ଣ, ସୁନ୍ଦର ଜୀବନ ତା'ର ସର୍ବପ୍ରଥମ ଦାବୀ । ଶରୀର ସୁସ୍ଥ ରହିଲେ ମନ ଭଲ ରହିବ । ମନ ଭଲ ରହିଲେ ଅସମ୍ଭବକୁ ସମ୍ଭବରେ ପରିଣତ କରିହେବ । କିନ୍ତୁ ପ୍ରତ୍ୟେକ ମଣିଷ ସଂପ୍ରତି କିଛି ନା କିଛି ବ୍ୟାଧିରେ ଆକ୍ରାନ୍ତ । ବ୍ୟାଧି ମଧ୍ୟ ଦୁଇପ୍ରକାର । ଶାରୀରିକ ଓ ମାନସିକ । ଆଜି କେବଳ ଆମ ଓଡିଶାରେ ନୁହେଁ କି ଭାରତରେ ନୁହେଁ ସମଗ୍ର ବିଶ୍ୱରେ ମନୁଷ୍ୟ ନାନା ବ୍ୟାଧିରେ ଆକ୍ରାନ୍ତ ହୋଇପଡୁଛି । ଯାହାଫଳରେ ଅଭାବ, ଅନାଟନ, ମାନସିକ ଅଶାନ୍ତି ଦ୍ରୁତ ଗତିରେ ବଢିବାରେ ଲାଗିଛି । ଅଧିକାଂଶ ଅପରାଧପ୍ରବଣ ହୋଇପଡୁଛନ୍ତି ।

ଅହଂକାର, ଲୋଭ, କାମ, କ୍ରୋଧ, ଇର୍ଷା, ପରଶ୍ରୀକାତରତା ଓ ପ୍ରତିହିଂସା ମନୋଭାବ ବଢିବାରେ ଲାଗିଛି । ଅସୁସ୍ଥ ଦେହ ଓ ଅସୁସ୍ଥ ମନ ପରସ୍ପରର ପରିପୂରକ । ଜୀବନକୁ ସୁସ୍ଥ ରଖିବାକୁ ହେଲେ ସୁଷମ ଖାଦ୍ୟ, ସ୍ୱଚ୍ଛ ଜଳ, ନିର୍ମଳ ବାୟୁ, ପରିଶ୍ରମ ଓ ବ୍ୟାୟାମ ଆବଶ୍ୟକ । କିନ୍ତୁ ସୁଷମ ଖାଦ୍ୟ ଆମ ଦେଶର ଶତକଡା ୯୦ ଭାଗ ଲୋକଙ୍କୁ ମିଳେନାହିଁ । ଆମ ଦେଶ ରତ୍ନଗର୍ଭା, କିନ୍ତୁ ଆମ ଦେଶର ଲୋକମାନେ ଗରିବ ଓ ଅଶିକ୍ଷିତ । ଅଧିକାଂଶ ସୁଷମ ଖାଦ୍ୟ କ'ଣ ଜାଣନ୍ତି ନାହିଁ । ସ୍ୱାସ୍ଥ୍ୟକୁ କିପରି ରକ୍ଷା କରାଯାଇପାରିବ, ସେ କଥା ସଠିକ୍ ଭାବେ ଆମକୁ ଜଣାନାହିଁ । ସେଥିପାଇଁ ଆମେ ରୋଗରେ ପଡି ଘାଣ୍ଟି ହେଉଛେ । ଡାକ୍ତର, ଡାକ୍ତରଖାନା ଓ ଔଷଧ ଦୋକାନକୁ ଦୌଡି ଦୌଡି ଆମର କଷ୍ଟ ଉପାର୍ଜିତ ଅର୍ଥ ଓ ମୂଲ୍ୟବାନ ସମୟକୁ ନଷ୍ଟ କରୁଛେ । ଅଧିକାଂଶ ଔଷଧ ଅତି ଚଢା ଦାମ୍ ହେବା ସହିତ ଭେଜାଲ୍ ମଧ୍ୟ ହୋଇଗଲାଣି । ଅଧିକ ଉତ୍ପାଦନ ପାଇଁ ରସାୟନିକ ସାର, କୀଟନାଶକ ଔଷଧର ପ୍ରଚୁର ପ୍ରୟୋଗ ହେଉଥିବା ଯୋଗୁଁ ଆମ ଖାଦ୍ୟ ଆଜି ବିଷାକ୍ତ ହୋଇଯାଇଛି । ଖାଦ୍ୟ ବିଷାକ୍ତ, ଜଳ ବିଷାକ୍ତ, ବାୟୁ ବିଷାକ୍ତ । ତା'ହେଲେ ଆମେ ବଞ୍ଚିବା କିପରି ? ରୋଗ ହେଲେ ଚିକିତ୍ସା ପାଇଁ ଅର୍ଥ ସମସ୍ତଙ୍କ ପାଖରେ ନାହିଁ ।

ତା'ହେଲେ ନିରୋଗ ରହିବା ଉପାୟ କ'ଣ ?ମନରଖିବାକୁ ପଡିବ ଯେ, ଏହି ଉପାୟ ସମସ୍ତଙ୍କ ପାଇଁ ସହଜ ଏବଂ ଉପାଦାନଗୁଡିକ ମଧ୍ୟ ସମସ୍ତଙ୍କ ପାଇଁ ସୁଲଭ । ଏଥିପାଇଁ କିଛି ଛୋଟମୋଟ ନିୟମ ପାଳନ କରିବାକୁ ପଡିବ । ଦୈନନ୍ଦିନ ଜୀବନଚର୍ଯ୍ୟାରେ ସାବଧାନତା, ସରଳ ଜୀବନ ଏବଂ ସୁବିଚାର ଠାରୁ ଶ୍ରେଷ୍ଠ ଔଷଧ ଆଉ କ'ଣ ଥାଇପାରେ ! ଅଭ୍ୟାସ ବଳରେ ମଣିଷ ଅସାଧ୍ୟ ସାଧନ କରିପାରେ । ଆପଣ ମଧ୍ୟ ପାରିବେ । ଲୋକେ ଠିକିଲେ ଶିଖନ୍ତି । ଆମର ଅଧିକାଂଶ ଲୋକ - ଅତି ଚାଲାଖିଆ, ପାଠୁଆ ଲୋକ ମଧ୍ୟ ଠିକିଲେ ବି ଶିଖୁନାହାଁନ୍ତି । ଇଲେକ୍ଟ୍ରୋନିକସ୍ ମିଡିଆ ଟିଭି, ପ୍ରିଣ୍ଟ୍ ମିଡିଆ ସମ୍ବାଦପତ୍ର ଓ ମୋବାଇଲ୍‌ରେ ମନଲୋଭା ବିଜ୍ଞାପନ ଦେଖି ସେଇ ପଦାର୍ଥକୁ କିଣି ବ୍ୟବହାର କରିବା ପାଇଁ ପାଗଳ ହୋଇଯାଆନ୍ତି । ବିଦେଶୀ ଦେଶୀ କମ୍ପାନୀମାନଙ୍କର ପ୍ରଚାରର ଭେଳିକିରେ ଆମ ଭାରତୀୟମାନେ ଭୂଆଁ ବୁଲିଥାନ୍ତି । ଭେଜାଲର ଜିନିଷପତ୍ର କିଣି ନିଜେ ଭେଜାଲ ହୋଇଯାଆନ୍ତି । ଏବେ ଖାଦ୍ୟ, ପାନୀୟ, ଔଷଧ, ପ୍ରସାଧାନ ସାମଗ୍ରୀ ପ୍ରାୟ ଅଧିକାଂଶ ଭେଜାଲ, ଯେଉଁ ଔଷଧ ବିଦେଶରେ ନିଷେଧ ହୋଇଯାଇଛି, ସେଇସବୁ ଔଷଧ ଭାରତୀୟମାନେ କୋଟି କୋଟି ଟଙ୍କାରେ କିଣି ଗିଳୁଛନ୍ତି । ଯାହାଫଳରେ ଛୋଟିଆ ଗୋଟିଏ ରୋଗ ସମୟକ୍ରମେ ବଡ ରୋଗରେ ପରିଣତ ହେଉଛି । ଯେତେ ସାବଧାନ କଲେବି ମାନୁନାହାଁନ୍ତି । ଆଜିକାଲି ମୋବାଇଲ୍ ଭିକାରୀ ଠାରୁ ଆରମ୍ଭକରି କୋଟିପତି ପର୍ଯ୍ୟନ୍ତ ପରିବାରର ସମସ୍ତଙ୍କ ହାତରେ ଉପଲବ୍ଧ । ସେ ମୋବାଇଲ୍ ପୁଣି ୧୦ ହଜାରରୁ ଆରମ୍ଭ ଦେଢ ଲକ୍ଷ ଟଙ୍କା ପର୍ଯ୍ୟନ୍ତ । ରାତିଦିନ ପ୍ରାୟ ବହୁଳାଂଶରେ ମୋବାଇଲ୍ ଦେଖିଦେଖି ମୁଣ୍ଡକୁ ଟିଣ କରିସାରିଲେଣି, କାନକୁ ବଧିର କରିସାରିଲେଣି, ଆଖିର ଜ୍ୟୋତିକୁ ହରାଇବାରେ ଲାଗିଛନ୍ତି, ରାତି ଅନିଦ୍ରା ହୋଇ ସ୍ୱାସ୍ଥ୍ୟକୁ ଏକଦମ୍ ଖରାପ ଆଡକୁ ନେଇଯାଉଛନ୍ତି ଆଉ ମୁଣ୍ଡରେ ଭଲ ବୁଦ୍ଧି ପଶୁନାହିଁ ।

ପୂର୍ବକାଳର ପଲ୍ଲୀରମଣୀ ନିଜ ସୌନ୍ଦର୍ଯ୍ୟ ସୁରକ୍ଷା ସକାଶେ ନିର୍ଭର କରୁଥିଲା ପ୍ରାକୃତିକ ପ୍ରସାଧାନ ଉପରେ । ସଂପ୍ରତି ଆଧୁନିକ ଜୀବନଶୈଳୀର କୃତିମତା ନିର୍ଦ୍ଧାରଣ କରିଛି କୃତିମ ପ୍ରସାଧନ ସାମଗ୍ରୀର ଅପରିହାର୍ଯ୍ୟତା । ଯାହା ସହରରେ ନାରୀମାନଙ୍କୁ ଅଭ୍ୟସ୍ତ କରିରଖିଛି ଏକପ୍ରକାର ନକଲି ଯୌବନର କସରତରେ । ମାତ୍ର ପ୍ରାକୃତିକ ପ୍ରସାଧନ ନାରୀ ସୌନ୍ଦର୍ଯ୍ୟର ସୁରକ୍ଷା କବଚ । ଆପଣମାନେ ଅମୃତ, ମହୁ, ପେଟ ରୋଗର ଅଭ୍ୟର୍ଥ ପଥ୍ୟ: କଦଳୀ, ଅସାଧ୍ୟ ରୋଗର ଔଷଧ କଲରା, ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟବର୍ଦ୍ଧକ ଫଳ କାଗେଜି ଲେମ୍ବୁ, ରକ୍ତପ୍ରବାହ ସନ୍ତୁଳିତ ରଖିବା ପାଇଁ ଅଦା, ଫଳ ମଧ୍ୟରେ ସମ୍ରାଟ ଅଁଳା, ଗରମ ଦିନର ଉପହାର ଦହି, ଥଣ୍ଡା, ସର୍ଦ୍ଦି ଭଲ ହେବାପାଇଁ ଘରୋଇ ଉପଚାର, ଏସିଡିଟି, ଢକାର, କୌଷ୍ଟବଦ୍ଧତା ଓ ବ୍ରଣର ଉପଚାର ପାଇଁ ଘରୋଇ ଉପଚାର, ରକ୍ତଚାପ ପାଇଁ କଞ୍ଚା ରସୁଣ, ସଜନା ପତ୍ର ସେବନ କରିବା, ପ୍ରତିଦିନ ଏକ ଚାମଚ ଅଁଳା ରସ ସହିତ ମହୁ ମିଶାଇ ପିଇବା, ଲେମ୍ବୁ ରସ ପିଆଯାଇପାରେ । ସବୁଦିନେ କିଛି ନା କିଛି ଅଭ୍ୟାସ କରି ବାଟଚାଲିବା, ବ୍ୟାୟାମ, ଯୋଗାସନ ଓ ପ୍ରାଣାୟମ, ଜଳ ଚିକିତ୍ସା, ଉତ୍ତମ ନିଦ୍ରା ଏକାନ୍ତ ଆବଶ୍ୟକ । ଆଜିକାଲି ଡାଇବେଟିସ୍ ଉଣାଅଧିକେ ବହୁ ଲୋକଙ୍କୁ ଆକ୍ରାନ୍ତ କରିଛି । ଏହି ରୋଗଟି ମଣିଷର ଶରୀର ତିଆରି ହେବା ଦିନଠାରୁ ମଣିଷ ସହିତ ରହିଆସିଛି । ମଧୁମେହ ରୋଗୀମାନେ ଦେଶି ଚିକିତ୍ସା, ଶାରୀରିକ ଶ୍ରମ ସହ ଖାଦ୍ୟ ନିୟନ୍ତ୍ରଣ କରିବା ଏକାନ୍ତ ଆବଶ୍ୟକ । ମଣିଷର ଯେଉଁ ପାଞ୍ଚୋଟି ଇନ୍ଦ୍ରିୟ ଅଛି ତାହା ମଧ୍ୟରୁ ଆଖି ଅନ୍ୟତମ ଇନ୍ଦ୍ରିୟ ହୋଇଥିଲେ ବି ଅନ୍ୟ ଇନ୍ଦ୍ରିୟ ଗୁଡିକ ଅପେକ୍ଷା ଆଖିର ଭୂମିକା ଅତ୍ୟନ୍ତ ସ୍ୱତନ୍ତ୍ର । ସେଥିପାଇଁ କୁହାଯାଏ ଆଖି ନାହିଁ ଯାହାର ସାକ୍ଷୀ ନାହିଁ ତାହାର । ତେଣୁ ଆଖିର ସୁରକ୍ଷା କରିବା ସମସ୍ତଙ୍କ ପାଇଁ ନିହାତି ଦରକାର । ଶରୀର ଭିତରେ ହୃଦୟ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । କବିମାନେ ହୃଦୟକୁ ନେଇ କେତେ କଳ୍ପନା ସବୁ ନ କରନ୍ତି ! କିନ୍ତୁ ବୈଜ୍ଞାନିକ ମାନଙ୍କ ପାଇଁ ହୃଦୟ ମୋଟେ ଏକ କାଳ୍ପନିକ କଥା ନୁହେଁ । ଏହା ବରଂ ଏକ କଠିନ ବାସ୍ତବତା । ତେବେ କବି ହୁଅନ୍ତୁ କି ବୈଜ୍ଞାନିକ, ଗୋଟିଏ କଥାରେ ଉଭୟ ସହମତ ହୁଅନ୍ତି ଯେ, ହୃଦୟ ଥରେ ଭାଙ୍ଗିଗଲେ ବା ନଷ୍ଟ ହୋଇଗଲେ ମଣିଷର ସାରା ଶରୀର ଆଉ ଶରୀର ହୋଇ ରହେନାହିଁ । ଅକାମୀ ପାଲଟିଯାଏ । ତେବେ ମଣିଷର ଏତେ କାର୍ଯ୍ୟ କରୁଥିବା ହୃଦୟକୁ ସମ୍ଭାଳି ରଖିବା ନିହାତି କଷ୍ଟକର କଥାଟିଏ ମଧ୍ୟ ନୁହେଁ । ଜଣେ ଚାହିଁଲେ ଏହା ଅତି ସହଜରେ କରିପାରିବ ।

ଶେଷରେ ନୁହେଁ, ଆରମ୍ଭରୁ ସମସ୍ତଙ୍କୁ ନିବେଦନ; ଯାହା ସତ୍ୟ - ଅବଧାରିତ, ତାକୁ ଅବଜ୍ଞା କରନ୍ତୁ ନାହିଁ । ନିଜ ଶରୀରକୁ ସୁସ୍ଥ ରଖି ମାନବ ସମାଜ ପାଇଁ କିଛି ଅବଦାନ ଛାଡି ଯାଆନ୍ତୁ । ବିନା ବ୍ୟୟରେ ବ୍ୟାଧି ବିନାଶ ମନ୍ତ୍ର ଜପକରି ଅଭ୍ୟାସ କରନ୍ତୁ ଏବଂ ନିଜେ ସୁସ୍ଥ ହେବା ସଂଗେ ସଂଗେ ଅନ୍ୟମାନଙ୍କୁ ମଧ୍ୟ ସୁସ୍ଥ ହେବାରେ ସାହାଯ୍ୟ କରନ୍ତୁ । ଆରମ୍ଭ କରନ୍ତୁ, ଦେଖିବେ- କେତେ ଶାନ୍ତି ପାଇବେ ।

*ଯାଜପୁର ରୋଡ, ଯାଜପୁର*
*ମୋ : ୯୪୩୮୦୩୪୧୬୩*








ରାଉରକେଲା : ବେଦବ୍ୟାସ ପରଦର୍ଶନ ଅବସରରେ ୫-ଟି ସଚିବ ଭିକେ ପାଣ୍ଡିଆନ

## ମଦ୍ରାସା ଇସଲାମିଆ ଆରବିୟାରେ ପୋଷାକ ବିତରଣ ଉତ୍ସବ




କେନ୍ଦ୍ରାପଡ଼ା, (ପିଏନ)-: କେନ୍ଦ୍ରାପଡା ସହରର ଦିଲୱାରପୁରସ୍ଥିତ ମଦ୍ରାସା ଇସଲାମିଆ ଆରବିୟାରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜନାବ ସେକ ଗୋଫ୍ରାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୌର ଉପାଧକ୍ଷା ଆକବରୀ ଖାତୁନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ଦୁଇହଳ ଫ୍ରକ, ପ୍ୟା□, ସାର୍ଟ, ଜୋତା ଓ ମୋଜା ବ□ନ କରିବା ସହ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମଦ୍ରାସାର ପ୍ରଧାନ ମୌଲବୀ ସୟଦ ଅଖତର ଅଲ୍ଲୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ସି.ଆର.ସି.ସି. ଦେବାଶିଷ ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଅଧ୍ୟୟନରେ ମନୋନିବେଶ କରି ଭବିଷ୍ୟତରେ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମଦ୍ରାସା ପରିଚାଳନା କମିଟିର ସଦସ୍ୟ ଆଇନଜୀବୀ ସୟଦ ମୁକ୍ତାର ଅଲ୍ଲୀ, ସେକ ନୁରୁଦ୍ଦିନ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୌଲାନା ଖୁର୍ସିଦ ଅନୱର, ସୟଦା ସୁହିଲ ଅଖତର, ସେକ ଦିୱାନ, ନସିମ ଖାଁ, ମୌଲାନା ମୁସରଫ ବକ୍ସ, ମୌଲାନା କମାଲୁଦ୍ଦିନ, ମୌଲାନା ମୁଜିବ ଅସରଫ, ମୌଲାନା ମୀର ତବରେଜ, ସେକ ଅବଦୁଲ ମଳସୁଦ, ମୌଲାନା ମହମ୍ମଦ ଫୁରକାନ, ମହମ୍ମଦ ଅବଦୁସ ସଲାମ, ମହମ୍ମଦ ରିଜୱାନୁର ରହେମାନ ପ୍ରମୁଖ ମଦ୍ରାସାର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

## ଓଡିଶାର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବିରୁଦ୍ଧରେ ବିଜେପିର ବିକ୍ଷୋଭ

ଭୁବନେଶ୍ୱର,(ପିଏନ)-ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ଆଇନ ବ୍ୟବସ୍ଥା ଓ ଦୋଷୀଙ୍କୁ ତୁରନ୍ତ ଗିରଫ ଦାବିରେ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପି ପକ୍ଷରୁ ଶୁକ୍ରବାର ସଂଧ୍ୟାରେ ରାମମନ୍ଦିର ସମ୍ମୁଖରେ ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସେହିପରି ମହିଳା କ୍ରିକେଟର ରାଜଶ୍ରୀ ସ୍ୱାଇଁଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲା ବିଜେପି ଦାବି କରିଛି।

ଜିଲ୍ଲା ସଭାପତି ବାବୁ ସିଂ କହିଛନ୍ତି ଯେଉଁ ରାଜ୍ୟରେ ଖୋଦ୍ ମହିଳା ପୋଲିସ୍ ଏବଂ ମାଜଷ୍ଟ୍ରେଟ ଅସୁରକ୍ଷିତ, ସେଠି ସାଧାରଣ ମହିଳା ସୁରକ୍ଷିତ ରହିବେ କେମିତି ? ୧୫-୨୦ ଦିନ ଭିତରେ ଟ୍ୱିନ ସିଟିରେ ମହିଳା ପୋଲିସ ଏସଆଇଙ୍କୁ ଆକ୍ରମଣ କରିବା, ତହସିଲଦାରଙ୍କୁ ଖୋଲାଖୋଲି ହତ୍ୟାର ଧମକ ଦେବା ପରେ ଆଜି ମହିଳା କ୍ରିକେଟର ରାଜଶ୍ରୀ ସ୍ୱାଇଁଙ୍କ ସନ୍ଦେହଜନକ ଅବସ୍ଥାରେ ମୃତଦେହ ମିଳିଛି । ଓଡିଶାର ମହିଳାଙ୍କ ସୁରକ୍ଷା ପାଇଁ କୌଣସି ସୁବିଧା ନାହିଁ। ଗତ ୧୧ତାରିଖ ଦିନ ରାଜଶ୍ରୀ ନିଖୋଜ ହୋଇଥିଲେ ଆଜି ତାଙ୍କର ମୃତଦେହ ଜଙ୍ଗଲରୁ ଉଦ୍ଧାର କରାଯାଇଛି। ମୃତ ରାଜଶ୍ରୀଙ୍କ ପରିବାର ତରଫରୁ ଖୋଲାଖୋଲି ଅଭିଯୋଗ କରାଯାଇଛି । ମହିଳା ଖେଳାଳୀଙ୍କ ମୃତ୍ୟୁର ତଦନ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମହାନ୍ତି କହିଛନ୍ତି। ରାଜ୍ୟରେ ମହିଳା ସୁରକ୍ଷାକୁ ନେଇ ରାଜ୍ୟ ସରକାରଙ୍କ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଓଡ଼ିଶାରେ ମହିଳା ସମ୍ପୂର୍ଣ୍ଣ ଅସୁରକ୍ଷିତ ଓ ରାଜ୍ୟ ସରକାର ଏଥିପ୍ରତି ଧ୍ୟାନ ଦେବାକୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ କହିଛନ୍ତି।

## ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଏକ ଐତିହାସିକ ନିଷ୍ପତି : ସମୀର ମହାନ୍ତି

ଭୁବନେଶ୍ୱର, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ୮୦ କୋଟି ଲୋକଙ୍କୁ ଏଣିକି ସଂପୂର୍ଣ୍ଣ ମାଗଣାରେ ଚାଉଳ ଓ ଗହମ ଯୋଗାଇ ଦେବାକୁ ଐତିହାସିକ ନିଷ୍ପତି ନେଇଛନ୍ତି । ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଯୋଜନାରେ ଓଡିଶାର ୩ କୋଟି ୨୫ ଲକ୍ଷ ଲୋକ ଉପକୃତ ହେବା ସହ ମାସିକ ମୁଣ୍ଡ ପିଛା ୫କେଜି ଚାଉଳ ମାଗଣାରେ ପାଇବେ । ଏ ବାବଦରେ ସମସ୍ତ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ । ମୋଦି ସରକାରଙ୍କ ଏଭଳି ଐତିହାସିକ ନିଷ୍ପତି ଫଳରେ ରାଜ୍ୟ ସରକାରମାନେ ଆର୍ଥିକ ଚାପ ମୁକ୍ତ ହୋଇପାରିବେ । ସମଗ୍ର ଦେଶବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆଗାମୀ ଦିନରେ ଆସୁଥିବା "ୱାନ ନେସନ ୱାନ ରେସନ" ଯୋଜନାକୁ ଏହା ଆଗେଇ ନେବ। ଓଡ଼ିଶା ଭଳି ରାଜ୍ୟ ଯେଉଁଠି ଦାଦନ ସମସ୍ୟା ଅଛି ସେହି ରାଜ୍ୟର ଲୋକମାନେ ଏବେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଲାଭ ପାଇବେ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି।

ସମସ୍ତେ ଜାଣନ୍ତି କେନ୍ଦ୍ର ସରକାରଙ୍କର ଖାଦ୍ୟ ସୁରକ୍ଷା ଆଇନରେ ମିଳୁଥିବା ସାମଗ୍ରିରେ ଆଗରୁ ଚାଉଳ କିଲୋ ପିଛା ଖର୍ଚ୍ଚ ହେଉଥିବା ୩୭ଟଙ୍କା ୨୮ପଇସାରେ କେନ୍ଦ୍ର ସରକାର ଦେଉଥିଲେ ୩୪ଟଙ୍କା ୨୮ପଇସା, ରାଜ୍ୟ ସରକାର ଦେଉଥିଲେ ମାତ୍ର ୨ଟଙ୍କା। ମାତ୍ର ୨ଟଙ୍କା ଦେଇ ସବୁ ବାଃ ବାଃ ସାଉଁଟୁଥିଲେ ମୁଖ୍ୟମନ୍ତ୍ରୀ ଓ ଏହାକୁ ବିଜୁ ଜନତା ଦଳ ଏକ ଭୋଟ ରାଜନୀତିରେ ପରିଣତ କରିଦେଇଥିଲା। ଏବେ ମୋଦି ସରକାର ଘୋଷଣା କରିଲେ ଯେ, ଏଣିକି ସବୁ ଅର୍ଥ କେନ୍ଦ୍ର ସରକାର ବହନ କରିବେ। ଏହି ଘୋଷଣା ପରେ ରାସନ କଳାବଜାରୀ, ଭୂତ ହିତାଧିକାରୀ ଭଳି ଦୁର୍ନୀତିକୁ ରୋକାଯାଇପାରିବ। ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି, ସେମାନେ ନିଶ୍ଚିତ ଭାବେ ଦୁର୍ନୀତିର ପକ୍ଷଧର ହୋଇଥିବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ମାଗଣା ଚାଉଳ ଆମେ ଦେଉଛୁ କହି ଓଡିଶାବାସୀଙ୍କୁ ଭୂଆଁ ବୁଲାଉଥିବା ରାଜ୍ୟ ସରକାରଙ୍କ ମିଛ ପ୍ରଚାର ଧରା ପଡିଛି । ଶାସକ ବିଜେଡି ସମର୍ଥକ, ଚଂଚକତା ଓ ଦୁର୍ନୀତି କାରଣରୁ ଅନେକ ଯୋଗ୍ୟ ହିତାଧିକାରୀ ମାଗଣା ଚାଉଳ ପାଇବାରୁ ବଂଚିତ ହେଉଥିଲେ । ଏବେ ଏହା ଉପରେ ରୋକ ଲାଗି ପାରିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

## ୧ କେଜି ୧୨ ଗ୍ରାମ ବ୍ରାଉନ ସୁଗାର ଓ ୭୪୮ କେଜି ଗଞ୍ଜେଇ ନଷ୍ଟ

ଖୋର୍ଦ୍ଧା/ଭୁବନେଶ୍ୱର,(ପିଏନ)-ଖୋର୍ଦ୍ଧା ଜିଲ୍ଲାରୁ ଜବତ କରାଯାଇଥିବା ମୋଟ ୧ କେଜି ୧୨ ଗ୍ରାମ ବ୍ରାଉନ ସୁଗାର ଓ ୭୪୮ କେଜି ଗଞ୍ଜେଇକୁ ପୋଡି ନଷ୍ଟ କରିଛି ଏସଟିଏଫ୍। ଶୁକ୍ରବାର ଏସଟିଏଫ ଏସପି ଭୁବନେଶ୍ୱର, ଖୋର୍ଦ୍ଧା ଡେପୁଟି କଲେକ୍ଟର, ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷକ, ଏସଟିଏଫ ଡ଼ିଏସପିଙ୍କ ଦ୍ୱାରା ଗଠିତ ଉଚ୍ଚ ସ୍ତରୀୟ ଡ୍ରଗ ଡ଼ିସପୋଜାଲ କମିଟିର ନିଷ୍ପତିକ୍ରମେ ରାଜ୍ୟ ଫରେନସିକ ସାଇନ୍ସର ଅଧିକାରୀ ଓ ରାଜ୍ୟ ପ୍ରଦୂଷଣ ବୋର୍ଡର ସଭ୍ୟଙ୍କ ଉପସ୍ଥିତିରେ ସମସ୍ତ ନିୟମାବଳୀ ପାଥେୟ କରି ଏସଟିଏଫର ପାଞ୍ଚଟି ମାମଲାରେ ଖୋର୍ଦ୍ଧା ଜିଲ୍ଲାରେ ଜବତ କରାଯାଇଥିବା ମୋଟ ୧ କେଜି ୧୨ ଗ୍ରାମ ବ୍ରାଉନ ସୁଗାର ଓ ୭୪୮ କେଜି ଗଞ୍ଜେଇ କୁ ଖୋର୍ଦ୍ଧା ଉପକଣ୍ଠ ଟାଙ୍ଗିଆପଡ଼ା ସ୍ଥିତ ଏକ ଭାଟିରେ ନଷ୍ଟ କରାଯାଇଛି ।ସୂଚନା ଯୋଗ୍ୟ ଏନଡ଼ିପିଏସ କେସ୍ ରେ ଜବତ ହୋଇଥିବା ନିଶା ଦ୍ରବ୍ୟକୁ ନଷ୍ଟକରିବା ପାଇଁ ପ୍ରକ୍ରିୟା ଜାରିରହିଛି ।ତେବେ ଆଜି ସୁଦ୍ଧା ଏସଟିଏଫ ୨୪ କେଜି ୪୬୯ ଗ୍ରାମ ବ୍ରାଉନ ସୁଗାର ଏବଂ ୬୩ କୁଇଂଟାଲ ୪୦ କେଜି ଗଞ୍ଜେଇ ନଷ୍ଟ କରିଥିବା ବେଳେ ଓଡ଼ିଶା ପୋଲିସ ଆଜି ସୁଦ୍ଧା ୨୯ କେଜିରୁ ଉର୍ଦ୍ଧ ବ୍ରାଉନ ସୁଗାର ଏବଂ ୭୮୨ କୁଇଂଟାଲ ରୁ ଉର୍ଦ୍ଧ ଗଞ୍ଜେଇ ନଷ୍ଟ କରିଥିବାର ଜଣାପଡିଛି।

## ବଲାଙ୍ଗିର ଜିଲ୍ଲା ଓଡ଼ିଶା ପ୍ରଶାସନିକ ସେବା ସଂଘର ଜରୁରୀ ବୈଠକ

ବଲାଙ୍ଗିର, (ପିଏନ)- ବଲାଙ୍ଗିର ଜିଲ୍ଲା ଓଡ଼ିଶା ପ୍ରଶାସନିକ ସେବା ସଂଘ ଆଜି ଏକ ଜରୁରୀ ବୈଠକରେ ଗତକାଲି ୧୨ ତାରିଖ ଜିଲ୍ଲା ପରିଷଦ ବୈଠକରେ ଜିଲ୍ଲାପାଳ ତଥା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ବ୍ୟକ୍ତିଗତ ଆକ୍ଷେପକୁ ନିନ୍ଦା କରି ଏହା ସୁସ୍ଥ ପରମ୍ପରାର ପରିପନ୍ଥୀ ବୋଲି କୁହାଯାଇଛି। ଆଜି ବଲାଙ୍ଗିର ଓଡିଶା ପ୍ରଶାସନିକ ସେବା ସଂଘର ଜରୁରୀ ବୈଠକରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଗତକାଲି କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ସରକାରୀ ଅଧିକାରୀଙ୍କ ପ୍ରତି ପ୍ରଦର୍ଶନ କରିଥିବା ଆଚରଣ ଅତ୍ୟନ୍ତ ଦୁଖଦାୟକ ବୋଲି ମତ ପ୍ରକାଶ ପାଇଥିଲା। ବୈଠକରେ ''ତମର ବାପାର ସମ୍ପତି '' ବୋଲି କହିବା ଅତ୍ୟନ୍ତ ଦୁଖଦାୟକ। 'ଏହି ଜିଲ୍ଲାରେ ଅନେକ ଜିଲ୍ଲାପାଳ ମାଡ ଖାଇଛନ୍ତି 'ବୋଲି କହିବା ଅତ୍ୟନ୍ତ ଅଭଦ୍ରୋଚିତ । ସରକାରୀ ପଦାଧିକାରୀଙ୍କ ମା- ବାପା ଙ୍କୁ ଏକ ସରକାରୀ ବୈଠକରେ ଆକ୍ଷେପ କରିବା ଅତ୍ୟନ୍ତ ସମ୍ବେଦନଶୀଳ ବିଷୟ । ବିଧାୟକଙ୍କ ଏଭଳି ମନ୍ତବ୍ୟ ଓ ଅଶାଳୀନ ଆଚରଣ ସମସ୍ତଙ୍କୁ ମର୍ମାହତ କରିଛି । ସରକାରୀ ଅଧିକାରୀମାନେ ନିଜର କର୍ତବ୍ୟ ଉପରେ ସମ୍ପୂର୍ଣ୍ଣ ସଚେତନ। ତୃଣମୂଳ ସ୍ତରରେ ନିର୍ବାଚିତ ପ୍ରତିନିଧି ହୁଅନ୍ତୁ ଅବା ବିଧାୟକ ସମସ୍ତଙ୍କ ପ୍ରତି ସରକାରୀ ଅଧିକାରୀଙ୍କ ଯଥୋଚିତ ସମ୍ମାନ ରହିଛି। କିନ୍ତୁ ନିର୍ବାଚିତ ପ୍ରତିନିଧି ମାନେ ପାରସ୍ପରିକ ସମ୍ମାନ ରକ୍ଷା ନକଲେ ସୁସ୍ଥ ଗଣତନ୍ତ୍ର ତିଷ୍ଠି ପାରିବ ନାହିଁ ବୋଲି ଆଜିର ବୈଠକରେ ମତ ପ୍ରକାଶ ପାଇଛି।

ଆଜିର ବୈଠକରେ ହୋଇଥିବା ନିଷ୍ପତି ଅନୁସାରେ ଏହି ଘଟଣାର ପ୍ରତିବାଦ ସ୍ୱରୂପ ସଂଘ ସଦସ୍ୟମାନେ ୧୬ ଜାନୁଆରୀରୁ ୧୮ ଜାନୁଆରୀ ପର୍ଯ୍ୟନ୍ତ କଳା ବ୍ୟାଚ୍ ପରିଧାନ କରିବେ। ଆଗାମୀ ଦିନରେ ଏତାଦୃଶ ଘଟଣାକୁ ବରଦାସ୍ତ କରାଯିବ ନାହିଁ ତାର ଦୃଢ଼ ଜବାବ ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ଭାରତ ଯୋଡ଼ ଓଡ଼ିଶା ପରିବର୍ତନ ଯାତ୍ରାତଲସରା ନିର୍ବାଚନ ମଣ୍ଡଳୀ ଇକମାରେ ପଂହଚିଲା



ଭୁବନେଶ୍ୱର (ପିଏନ)- ଗତ ଜାନୁୟାରୀ ୯ ତାରିଖରୁ ଆରମ୍ଭ ହୋଇଥିବା ଭାରତ ଯୋଡ଼ ଓଡ଼ିଶା ପରିବର୍ତନ ଯାତ୍ରା ଆଜି ସୁନ୍ଦରଗଡ଼ ଜିଲ୍ଲା ତଲସରା ନିର୍ବାଚନ ମଣ୍ଡଳୀର ଖୁଟ୍‌ମୁଣ୍ଡାରୁ ଆରମ୍ଭ ହୋଇ ବଡ଼ଗାଁରେ ପ୍ରଥମ ପର୍ଯ୍ୟାୟରେ ପଂହଚିଲା। ଆପରାହ୍ନରେ ପଦଯାତ୍ରା ବଡ଼ଗାଁରୁ ବାହାରି ଦୀର୍ଘ ୨୩ କି.ମି. ଅତିକ୍ରମ କରି ଇକ୍‌ମା ଠାରେ ପଂହଚିଲା। ଏହି ପଦଯାତ୍ରା ସମୟରେ ବଡ଼ଗାଁ ଠାରେ ୧୦୪ ବର୍ଷର ବୃଦ୍ଧ ଗୋକୁଳାନନ୍ଦ ନାୟକ ଯିଏକି ପୂର୍ବତନ ଯୁବ କଂଗ୍ରେସ ସଭାପତିଥିଲେ, ଆଜି ସେ ପଦଯାତ୍ରାରେ ସାମିଲ ହୋଇଥିଲେ। ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ଶ୍ରୀଯୁକ୍ତ ଗୋକୁଳାନନ୍ଦ ନାୟକଙ୍କୁ ପୁଷ୍ପମାଲ୍ୟ ଏବଂ ଉତରୀୟ ପ୍ରଦାନକରି ଏହି ପଦଯାତ୍ରାରେ ଅଂଶଗ୍ରହଣ କରିଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ସମୟରେ ଶ୍ରୀଯୁକ୍ତ ପଟ୍ଟନାୟକ ବଡ଼ଗାଁ ଠାରେ ଭାରତ ଯୋଡ଼ ଯାତ୍ରା ସମୟରେ କଂଗ୍ରେସ ସାଂସଦ ଶ୍ରୀଯୁକ୍ତ ସନ୍ତୋକ ସିଂ ଚୌଧୁରୀଙ୍କ ଆକସ୍ମିତ ନିଧନ ଯୋଗୁଁ ଏକ ଶୋକସଭା ହୋଇଥିଲା। ସମସ୍ତ ନେତୃବର୍ଗ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ। ଏହାପରେ ସେଠାରେ ଏକ ସାଧାରଣ ସଭାରେ ତଲସରା ନିର୍ବାଚନ ମଣ୍ଡଳୀର ଜନସାଧାରଣ, କୃଷକ, ଶ୍ରମିକ, ଯୁବକ, ମହିଳା ଓ ବୁଦ୍ଧିଜୀବିଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ ଦୀର୍ଘ ୨୨ ବର୍ଷର ସରକାର ଓଡ଼ିଶାର ବିକାଶ କରିବା ପରିବର୍ତେ କିଛି ନିର୍ଦ୍ଦିଷ୍ଟ ବାବୁ ମାନଙ୍କର ବିକାଶରେ ଲାଗିପଡ଼ିଛି। ଏ ଅଂଚଳର ଅଧିବାସୀ ଖଣି, ଖାଦାନ ଓ ଶିଳ୍ପରୁ ନିର୍ଗତ ହେଉଥିବା ଧୂଆଁ, ଧୂଳି ଖାଇ ବଂଚିବା ହେଉଛି ଏମାନଙ୍କ ପାଇଁ ସାର। ଶିଳ୍ପ ପାଇଁ ଯେଉଁମାନେ ଜମି ହରାଇଛନ୍ତି ଏବଂ ଏ ଅଂଚଳରେ ଲୋକମାନେ ସେହି ସବୁ କଳକାରଖାନାରେ ୭୦ଭାଗ ନିଯୁକ୍ତି ପାଇବା କଥା କିନ୍ତୁ ୭୦ଭାଗ ତ ଦୁରେ ଥାଉ ୩୦ ଭାଗ ଲୋକ ମଧ୍ୟ ନିଯୁକ୍ତି ପାଉନାହାନ୍ତି। ଜିଲ୍ଲା ଖଣିଜ ସଂପଦ ପାଣ୍ଠି ଏ ଖଣି ଅଂଚଳର ଜନସାଧାରଣଙ୍କୁ ସ୍ୱଚ୍ଛ ପିଇବାପାଣି, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ପାଇଁ ତାଲିମ ଇତ୍ୟାଦି ପ୍ରଦାନ କରିବାପାଇଁ ଖର୍ଚ୍ଚ ହେବା କଥା କିନ୍ତୁ ଏ ପଇସାକୁ ଅନ୍ୟ ଅର୍ଥରେ ଖର୍ଚ୍ଚ କରାଯାଉଛି। ନିଜର ଏବଂ ନିଜ ବାପାଙ୍କର କେବଳ ପ୍ରଚାର ଓ ପ୍ରସାର କରିବା ଛଡ଼ା ଅନ୍ୟ କିଛି ହେଉନାହିଁ। ୨୨ ବର୍ଷର ସରକାର ଏ ଅଂଚଳର ସାମାନ୍ୟ ପାଣି ଟିକିଏ ପିଇବା ପାଇଁ ଯୋଗାଇ ଦେଉନାହାନ୍ତି । ତାହାହେଲେ ବିକାଶ କେଉଁଠି ଓ କେବେ ହେଉଛି। ଏ ଅଂଚଳର ଜନସାଧାରଣ ଓଡ଼ିଶାବାସୀକି ନୁହେଁ ଏ କଥାର ଉତର କିଏ ଦେବ। କଂଗ୍ରେସ ସରକାର ଆସିଲେ ରାଜ୍ୟର ଯୁବକ ମାନଙ୍କ ସ୍ୱାର୍ଥ ସହିତ ସାଲିସ କରାଯିବ ନାହିଁ। ଖଣି ଅଂଚଳର ପଇସା କେବଳ ସେହି ଅଂଚଳର ବିକାଶ ପାଇଁ ଖର୍ଚ୍ଚ କରାଯିବ। କୃଷକ ମାନଙ୍କ କୃଷିଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ସହିତ ପ୍ରୋତ୍ସାହନ ରାଶି ଦିଆଯିବ। ପ୍ରତ୍ୟେକ ଜିଲ୍ଲାରେ କୃଷିଭିତ୍ତିକ ଶିଳ୍ପ କରାଯିବ ଏବଂ ଏହାକୁ ବଜାର ସହିତ ଯୋଡ଼ା ଯିବ। ପ୍ରତ୍ୟେକ ଜିଲ୍ଲା ଏବଂ ବ୍ଲକରେ ଶୀତଳଭଣ୍ଡାର ଏବଂ ଗୋଦାମଘର ମାନ ପ୍ରତିଷ୍ଠା କରାଯିବ। ବିଜୁଳି ଦର ଉପରେ ଅଂକୁଶ ଲଗାଯିବ। ମହିଳାମାନଙ୍କ ନିରାପତା ଓ ରୋଜଗାର କଂଗ୍ରେସ ଦଳର ପ୍ରାଥମିକତା ହେବ। ଆଜି ପବିତ୍ର ମକରସଂକ୍ରାନ୍ତି। ଓଡ଼ିଶାର ଗଣପର୍ବ। ସୂର୍ଯ୍ୟଙ୍କର ଉତରାୟଣ ଗତି। ଏଭଳି ଏକ ଦୁଲର୍ଭ ସମୟରେ ଓଡ଼ିଶାବାସୀଙ୍କୁ ବିନମ୍ରତା ସହିତ ଅନୁରୋଧ କରୁଛି ଆପଣ କଂଗ୍ରେସକୁ ଆଶୀର୍ବାଦ କରନ୍ତୁ। କଂଗ୍ରେସ ସରକାର ଗଢ଼ିଲେ ଓଡ଼ିଶାର ପ୍ରଗତି ଅନିବାର୍ଯ୍ୟ। ଏହି ପଦଯାତ୍ରାର ଜିଲ୍ଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, ବିଧାୟକ ସିଏସ ରାଜନ ଏକା, ସନ୍ତୋଷ ସିଂ ସାଲୁଜା, ମାନସ ମଲ୍ଲିକ, ମନୋଜ ସାହୁ, ବିଦୁଭୂଷଣ ତ୍ରିପାଠୀ, ବିରେନ ସେନାପତି, ରବି ରାୟ, ରାଜକିଶୋର ଷଡ଼ଙ୍ଗୀ, ବାଙ୍କନିଧି ବେହେରା, ଶୁଭେନ୍ଦୁ ନାୟକ, ଚିନ୍ତାମଣି ସାହୁ, ସଂଜୟ ତ୍ରିପାଠୀ, ଦୀପକ କୁମାର ମହାପାତ୍ର, ସରୋଜିନୀ ଲାକ୍ରା, ଅହଲ୍ୟା ଲାକ୍ରା,ଅମିତା ବିଶ୍ୱାଳ, କୈଳାସ ସାହୁ, ମନୁ ସରଫା, ଆଲବେଟ କିଲୋ ଏବଂ ବହୁ କଂଗ୍ରେସ ନେତୃବର୍ଗ, କୃଷକ ନେତା, ଶ୍ରମିକ ନେତା ଯୋଗଦେଇଥିଲେ ବୋଲି ପିସିସି ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି।

## ୧୬ରୁ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା

କେନ୍ଦ୍ରାପଡ଼ା, (ପିଏନ)- ଓଡିଶା ସରକାରଙ୍କ ପ□ାୟତରାଜ ଓ ପାନୀୟ ଜଳ ବିଭାଗ ଏବଂ ଜିଲ୍ଲାପ୍ରଶାସନର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୬ତାରିଖଠାରୁ ୨୦ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡିଆରେ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହେବ । କେନ୍ଦ୍ରାପଡା ଜିଲ୍ଲା ଓ ରାଜ୍ୟର ଅନ୍ୟ ବିଭିନ୍ନ ଜିଲ୍ଲା ଗୁଡିକରୁ ସ୍ୱୟଂ ସହାୟିକା ଗୋଷ୍ଠିର ସଦସ୍ୟମାନେ ଏହି ମେଳାରେ ସେମାନଙ୍କ ସ୍ୱଉତ୍ପାଦିତ ହସ୍ତଶୀଳ୍ପ, ଘରକରଣା, ଖାଦ୍ୟସାମଗ୍ରୀ, କଣ୍ଢେଇ, ଟେରାକୋଟା, ନଡିଆ କତାରେ ନିର୍ମିତ ସାମଗ୍ରୀ ଗୁଡିକ ପଦର୍ଶନ କରିବା ସହ ବିକ୍ରିବଟା କରିବେ । ମିଶନ ଶକ୍ତିର ସଦସ୍ୟାମନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ଉଦେଶ୍ୟ ନେଇ ଯେଉଁ ଯୋଜନାଗୁଡିକ ଫଳପ୍ରସୂ କରିବାକୁ ରାଜ୍ୟ ସରକାର ପ୍ରତିଶୃତି ବଦ୍ଧ, ସେଥିମଧ୍ୟରୁ ପଲ୍ଲିଶ୍ରୀମେଳା ମାଧମରେ ସେମାନଙ୍କୁ ନିଜର ସ୍ୱ ଉତ୍ପାଦିତ ସାମଗ୍ରୀର ବିକ୍ରିବଟା କରିବାକୁ ସୁଯୋଗ ଦେବା ଏହାର ଏକ ଅଂଶ ବିଶେଷ । ଫଳରେ ମିଶନ ଶକ୍ତିର ମହିଳା ସଦସ୍ୟାମାନେ ସେମାନଙ୍କ ସାମଗ୍ରୀ ଗୁଡିକୁ ବିକ୍ରି କରିବା ପାଇଁ ଏକ ସୁବନ୍ଦୋବସ୍ତ ବଜାର ପାଇବା ସହ ସେମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ । ଅପର ପକ୍ଷରେ ଏହି ପଲ୍ଲିଶ୍ରୀ ମେଳା ମାଧମରେ ବିଭିନ୍ନ ଜିଲ୍ଲାରୁ ଆସୁଥିବା ଏସଏସଜି ଗ୍ରୁପର ସଦସ୍ୟାମନେ ନିଜନିଜର କଳା କୌଶଳର ଆଦାନ ପ୍ରଦାନ କରିପାରିବେ । ପଲ୍ଲିଶ୍ରୀ ମେଳା ସହ ସାଂସ୍କୃତିକ ଉତ୍ସବ ଆୟୋଜନ ଏକ ଅନନ୍ୟ ସଂଯୋଜନା। କେନ୍ଦ୍ରାପଡା ଜିଲ୍ଲାର କଳା ସସ୍କୃତି, ଲୋକକଳା, ପରମ୍ପରା ଓ ଐତିହ୍ୟ ଅତି ମହାନ ଏବଂ ଏହାକୁ ପ୍ରଚାର ପ୍ରସାର କରିବା ସହିତ ଉଜ୍ଜିବୀତ କରି ରଖିବା ଲାଗି ସାଂସ୍କୃତିକ ଉତ୍ସବ ଆୟୋଜନର ମୂଳ ଉଦେଶ୍ୟ । ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ପୌରହିତ୍ୟରେ ଆଗାମୀ ଜାନୁୟାରୀ ୧୬ତାରିଖରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ସାଂସଦ ଅନୁଭବ ମହାନ୍ତି, କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, ଆରକ୍ଷୀ ଅଧିକ୍ଷକ ସନ୍ଦିପ୍ ସମ୍ପଦ ମଡକର ପ୍ରମୁଖ ଯୋଗଦେବାର କାର୍ଯ୍ୟସୂଚି ରହିଛି ।

### ବସ୍ ରୁ ୮୦ ଲକ୍ଷ ଟଙ୍କା ଜବତ, ବ୍ୟବସାୟୀ ଅଟକ

କଟକ, (ପିଏନ)- କଟକ ଜିଲ୍ଲା ଟାଙ୍ଗି ଟୋଲ ଗେଟ୍ ନିକଟରେ ଏକ ଘରୋଇ ଯାତ୍ରୀବାହି ବସ୍ କୁ ଅଟକାଇ ଯାଂଚ୍ ବେଳେ ସେଥିରୁ ୪ଟି ପେଟିରେ ଥିବା ୮୦ ଲକ୍ଷ ଟଙ୍କା ଜବତ ହୋଇଛି । ଘଟଣାରେ ସୁକୁମାର ସ ନାମକ ଜଣେ ଜଣେ ବ୍ୟବସାୟୀଙ୍କୁ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି ପୋଲିସ। ସେ କାହିଁକି ଓ କୁଆଡେ ନେଉଥିଲେ ଏତେ ଟଙ୍କା ସେନେଇ ଛାନଭିନ୍ କରୁଛି ପୋଲିସ ।




# ଆମ ଚାଷବନ୍ଦୀ: ସୂର୍ଯ୍ୟମୁଖୀ



ଯଦି କେହି ଗୋଟିଏ ରୋପଣରୁ ବହୁମୁଖୀ ଗୁଣ ବିଶିଷ୍ଟ ଉପାଦେୟତା ଖୋଜେ, ତେବେ ସୂର୍ଯ୍ୟମୁଖୀ ବ୍ୟତୀତ ସେ ଆଉ କୋଉ ଚାଷ ହୋଇ ନ ପାରେ। ଐତିହାସିକ ତଥ୍ୟରୁ ଜଣାପଡ଼େ ଯେ ରାଜା ଷୋଡଶ ଲୁଇ (ଫ୍ରାନସ୍) ଏହି ଫୁଲକୁ ତାଙ୍କ ରାଜ୍ୟର ଜାତୀୟ ପ୍ରତୀକ ରୂପେ ବ୍ୟବହାର କରୁଥିଲେ। ସେ ମଧ୍ୟ ନିଜକୁ 'ରାଜା ସୂର୍ଯ୍ୟ' ରୂପେ ବିଦିତ କରିଥିଲେ। ଏ ସୂର୍ଯ୍ୟମୁଖୀକୁ ଭିନ୍‌ସେଣ୍ଟଭାନ୍ ଗୋଗ୍ ମଧ୍ୟ ତାଙ୍କ ରଞ୍ଜିତ ଚିତ୍ରମାନଙ୍କରେ ରଙ୍ଗରୂପେ ବ୍ୟବହୃତ କରୁଥିଲେ।

ସୂର୍ଯ୍ୟମୁଖୀ, ଯାହାକି ମଞ୍ଜିରେ ଭରପୁର, ସୋୟାବିନ୍, ବାଦାମ ଏବଂ ଜଡ଼ାତେଲ ପରି ପୁଷ୍ଟିସାର, କ୍ୟାଲସିୟମ ଲବଣଯୁକ୍ତ ଏବଂ ଏହା ଖାଇବା ତେଲ। ସୂର୍ଯ୍ୟମୁଖୀ ମଞ୍ଜିକୁ ପେଡ଼ି ଏଥିରୁ ତେଲ ବାହାର କରାଯାଏ। ଏହା ଖାଦ୍ୟୋପଯୋଗୀ ଉଦ୍ଭିଦଜାତ ତେଲକୁ ଏକପ୍ରକାର ଲହୁଣୀ ଏବଂ ଖସଡ଼ା ବା ମସୃଣ କରିବା ପଦାର୍ଥ ବା ସ୍ନେହକ ରୂପେ ବ୍ୟବହାର କରାଯାଏ। ପେଡ଼ା ସମୟରେ ସୂର୍ଯ୍ୟମୁଖୀରୁ ବାହାର କରାଯାଉଥିବା ଚୋପା ବା ଖୋଳପା ମଧ୍ୟ ଭାଟି ବା ବାଷ୍ପୀୟ ଟାଙ୍କିରେ ଜାଳେଣି ପାଇଁ ବ୍ୟବହାର କରାଯାଇଥାଏ। ସୂର୍ଯ୍ୟମୁଖୀରୁ ପ୍ରସ୍ତୁତି ଏକ ପ୍ରକାର ପ୍ରସ୍ତୁତ ପିଠା (କେକ୍) ପଶୁଖାଦ୍ୟ ରୂପେ ବ୍ୟବହୃତ ହୁଏ। କାରଣ ଏଥିରେ ପ୍ରଚୁର ପରିମାଣରେ ପୁଷ୍ଟିସାର ଥାଏ। ଏହାର ଖୋଳଯୁକ୍ତ ମଞ୍ଜିକୁ ପଞ୍ଜୁରୀପକ୍ଷୀ ବା ସେହିପରି ଛୋଟ ପୋଷା ଜୀବଙ୍କୁ ଖାଦ୍ୟ ଆକାରରେ ଦିଆଯାଏ। ରୋଷେଇରେ ସୂର୍ଯ୍ୟମୁଖୀ ତେଲର ନିୟମିତ ବ୍ୟବହାର ଶରୀରକୁ କୋଲଷ୍ଟୋରାଲ୍‌ର ପ୍ରବାହ କମାଇବାରେ ସାହାଯ୍ୟ କରିବା ସହିତ ହୃଦ୍‌କ୍ରିୟା ସଂକ୍ରମଣକୁ ଦୂରେଇଥାଏ।



ପାରମ୍ପରିକ ଦୃଷ୍ଟିରୁ ଏହାର ବହୁବିଧ ବ୍ୟବହାର ଅଛି। ଏହା ଉତ୍ତର-ଆମେରିକାର ଭାରତୀୟ (ରେଡ଼୍‌ଇଣ୍ଡିୟାନ) ମାନଙ୍କର ୩୦୦୦ବର୍ଷଧରି ଏକ ସଂସ୍କୃତି ଥିଲା। ସେଠି ଏହା ପ୍ରଧାନତଃ ଖାଦ୍ୟ, ଔଷଧ ଓ ରଙ୍ଗ ଆକାରରେ ପ୍ରଥମେ ବ୍ୟବହାର ହେଉଥିଲା। ଖ୍ରୀଷ୍ଟ ୧୫୧୦ ସ୍ପେନୀୟ ଆବିଷ୍କାରକମାନେ ପ୍ରଥମଥର ପାଇଁ ଏହାକୁ ନିଉସେକ୍ସିକୋରେ ଦେଖିଲେ ଏବଂ ଏହାର କିଛି ମଞ୍ଜି ସ୍ପେନକୁ ନେଇଆସିଲେ। ସେଇଠୁ ଏ ବିହନ ସାରା ଇଉରୋପ ଓ ରୁଷିଆ ବିଞ୍ଚି ହୋଇଗଲା। ଏମାନେ ହେଉଛନ୍ତି ଏବେ ପୃଥିବୀର ସର୍ବାଧିକ ସୂର୍ଯ୍ୟମୁଖୀ ଉତ୍ପାଦାନକାରୀ ଦେଶ। ଏମାନଙ୍କ ବ୍ୟତୀତ ଚାଇନା, ଭାରତ, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକାର ସୂର୍ଯ୍ୟମୁଖୀର ବହୁଳ ଚାଷ ଦେଖାଯାଏ।

ସୂର୍ଯ୍ୟମୁଖୀ ଏକ ଖରାଦିନିଆ ଶୁଷ୍କଭୂମି ଚାଷ। ଏହା ସାଧାରଣତଃ ସେପ୍ଟେମ୍ବର ପରଠୁ ଜାନୁୟାରୀ ମଧ୍ୟରେ ବୁଣାଯାଏ। ଉଚ୍ଚତାରେ ଏହି ଗଛ ପ୍ରାୟ ଏକ ମିଟରରୁ ଦୁଇ ମିଟର। ତେବେ ୬ ମିଟର ଉଚ୍ଚତାର ବି ଗଛ ହୁଏ। ସୂର୍ଯ୍ୟମୁଖୀ ଫୁଲର କଢ଼ି ଫୁଟିବା ପୂର୍ବରୁ, ଏହାର କାତିପତ୍ରଗୁଡ଼ିକ ସୂର୍ଯ୍ୟଆଡ଼କୁ ବଙ୍କାଇ ଯାଆନ୍ତି। ଏହାଫଳରେ ଆଲୋକ ସଂଶ୍ଳେଷଣ ସହଜ ହୁଏ। କଢ଼ିଗୁଡ଼ିକ ପ୍ରସ୍ଫୁଟିତ ହେବାର ଦିନେ ବା ଦୁଇଦିନ ପୂର୍ବରୁ ଏହା ପୁରାପୁରି ଭାବରେ ସୂର୍ଯ୍ୟ ଆଡ଼କୁ ଥାଏ ଓ ସବୁଜରୁ ହଳଦିଆ ପାଲଟିଯାଏ। ସେତେବେଳେ ଏହା ଅମଳ ସମୟ ବୋଲି ବୁଝାପଡ଼େ। ଏହି ସମୟରେ ମଞ୍ଜିଗୁଡ଼ିକର ଆର୍ଦ୍ରତା ପ୍ରାୟ ୧୦ ପ୍ରତିଶତ କମିଯାଇଥାଏ।

ସୂର୍ଯ୍ୟମୁଖୀ ଚାଷ ଏକ ଲାଭଜନକ ନିଶ୍ଚୟ। ଭାରତୀୟ ଜଳବାୟୁ ଅନେକାଂଶରେ ଏହି ଚାଷ ପାଇଁ ବିଶେଷ ଅନୁକୂଳ। ଏହା ଏକ ତୈଳବୀଜ ହେତୁ ଏବଂ ବିଭିନ୍ନ ରୋଗର ନିୟନ୍ତ୍ରିତ କାରଣରୁ ଖାଦ୍ୟକୁ ତେଲ ହିସାବରେ ସୂର୍ଯ୍ୟମୁଖୀକୁ ଆଧାର କରିବା ଉଚିତ୍। କୃଷିକୁଳ ଏହାର ସମୟୋପଯୋଗୀ ଚାଷବନ୍ଦୀ କଲେ, ନିଜର ଆବଶ୍ୟକତା ମେଣ୍ଟାଇବା ସହ, ଅର୍ଥ ଉପାର୍ଜନର ପନ୍ଥାଟିଏ ମଧ୍ୟ ବାହାର କରିପାରିବେ। ଉନ୍ନତ ବିହନ, ସାର, କୀଟନାଶକ ଔଷଧର ପ୍ରୟୋଗ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ କୃଷି ବିଭାଗୀୟ ଅଧିକାରୀଙ୍କ ସହିତ ପରାମର୍ଶ କରାଯାଇପାରେ।

**—ବିପିନବିହାରୀ ମହାନ୍ତି**
*ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶ ନଗର, ଜଟଣୀ, ଖୋର୍ଦ୍ଧା-୭୫୨୦୫୦, ମୋ: ୯୯୩୮୩୪୪୧୩୮*

# ଓଡ଼ିଶାର ମନୋରମ ପର୍ଯ୍ୟଟନସ୍ଥଳୀ

ବ୍ୟସ୍ତ ଜୀବନରୁ କିଛି ସମୟ ନେଇ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ସ୍ଥାନଟିକୁ ପରିଭ୍ରମଣରେ ଯିବା ପାଇଁ ବେଳେବେଳେ ଆମ ସମସ୍ତଙ୍କର ଇଚ୍ଛା ହୁଏ। ଏଥିପାଇଁ ହୁଏତ ଗ୍ରୀଷ୍ମ ଛୁଟିରେ ଅନେକ ଲୋକ ଶିମଲା, ମନାଲି, କୁଲ୍ଲୁ, ଦାର୍ଜିଲିଂ ଭଳି ହିଲ୍ ଷ୍ଟେସନକୁ ଯିବାକୁ ଯୋଜନା କରିଥା'ନ୍ତି। ଖରାଦିନେ ସୂର୍ଯ୍ୟଙ୍କ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ଅନେକ ଏଭଳି ସ୍ଥାନକୁ ଛୁଟି କଟାଇବାକୁ ଯାଇଥା'ନ୍ତି। ଓଡ଼ିଶାରେ ମଧ୍ୟ ଏପରି ଅନେକ ସ୍ଥାନ ରହିଛି ଯାହାକି ଖରାଛୁଟି କଟାଇବା ପାଇଁ ପ୍ରକୃଷ୍ଟ। ଯେପରିକି ଚିଲିକାର ନୀଳ ସୌନ୍ଦର୍ଯ୍ୟ ହେଉ ଅବା ଗୋପାଳପୁର ଓ ପୁରୀର ବିସ୍ତୀର୍ଣ୍ଣ ବେଳାଭୂମି, ଦାରିଙ୍ଗବାଡିର ସୁବଜ ଜଙ୍ଗଲ ଆଦି ସ୍ଥାନ ଖରାଦିନେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଚିଲିକାର ନୀଳ ଜଳରାଶି ସୂର୍ଯ୍ୟଙ୍କ ପ୍ରତ୍ୟେକ ରୂପକୁ ଏକ ନୂଆ ରଙ୍ଗ ଦେଇଥାଏ। ସୂର୍ଯ୍ୟୋଦୟ ସମୟର କଅଁଳ ଖରା ହେଉ ଅବା ସୂର୍ଯ୍ୟାସ୍ତ ସମୟର ରକ୍ତିମ ସୂର୍ଯ୍ୟ କିରଣ ଚିଲିକା ବକ୍ଷରେ ଏହା ସତେ ଯେପରି ଇନ୍ଦ୍ରଧନୁ ଆଙ୍କିଥାଏ। ଚିଲିକା ହ୍ରଦ ବିଭିନ୍ନ ପ୍ରକାର ସାମୁଦ୍ରିକ ଜୀବଙ୍କ ପାଇଁ ଆଶ୍ରୟସ୍ଥଳୀ ପାଲଟିଛି। ଏହାସହିତ ନଳବନର ପକ୍ଷୀ ସମାହାର ସ୍ଥାନଟିର ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ। ଚିଲିକା ଆଖପାଖରେ ମଧ୍ୟ ପର୍ଯ୍ୟଟନର ଯଥେଷ୍ଟ ସାଧନ ରହିଛି। ଏଥିମଧ୍ୟରୁ ସାତପଡା ଅନ୍ୟତମ। ଏହାକୁ ଚିଲିକାର ପ୍ରବେଶ ଦ୍ୱାର ମଧ୍ୟ କୁହାଯାଇପାରିବ କାରଣ ଏହି ପଥରେ ସମୁଦ୍ର ଜଳରାଶି ହ୍ରଦ ମଧ୍ୟକୁ ପ୍ରବେଶ କରିଥାଏ। ଏଠାରୁ ନୌକାଯୋଗେ ଡଲଫିନ ପଏଂଟ୍ ଯାଇପାରିବେ। ବଲାଙ୍ଗୀରଠାରୁ ହାରାହାରି ୮୦ କିମି ଦୂରରେ ଥିବା ହରିଶଙ୍କର ଏହାର ପ୍ରାକୃତିକ ପରିବେଶ ପାଇଁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏହାର ପାରିପାର୍ଶ୍ୱିକ ପରିବେଶ କୌଣସି ଚିତ୍ରକର ଦ୍ୱାରା ଅଙ୍କାଯାଇଥିବା ଛବି ଭଳି ମନେହୁଏ। ଗନ୍ଧମାର୍ଦନ ପାହାଡରୁ ବାହାରିଥିବା ଜଳପ୍ରପାତ ଅନେକ ଅଙ୍କାବଙ୍କା ଗତିପଥ ଦେଇ ତଳକୁ ଝରି ଯାଇଥାଏ। ଏହି ପବିତ୍ର ସ୍ଥାନଟିରେ ବିରାଜମାନ କରିଛ'ନ୍ତି ପ୍ରଭୁ ହରିଶଙ୍କର। ଖରାଦିନେ ପରିବାର ସହ ପିକନିକ୍ କରିବା ପାଇଁ ଏହି ସ୍ଥାନଟି ପ୍ରକୃଷ୍ଟ। ନିରୋଳାରେ ଛୁଟି କଟାଇବାକୁ ଇଚ୍ଛା କରୁଥିଲେ ଗୋପାଳପୁର ସମୁଦ୍ର ବେଳାଭୂମି ଯାଇପାର'ନ୍ତି। ବରହମପୁରଠାରୁ ହାରାହାରି ୧୬ କିମି ଦୂରତାରେ ଥିବା ଏହି ସ୍ଥାନଟି କୋଳାହଳ ଓ ଜନଗହଳିରୁ ମୁକ୍ତ। ଏହାର ବିସ୍ତୀର୍ଣ୍ଣ ବେଳାଭୂମି, ନୀଳ ଜଳରାଶି ଓ ପବନ ସାଙ୍ଗରେ ଦୋଳି ଖେଳୁଥିବା ସମୁଦ୍ର ଲହଡ଼ିର ଦୃଶ୍ୟ ବେଶ୍ ମନୋରମ। ଓଡ଼ିଶାର କାଶ୍ମୀର ମାନ୍ୟତା ପାଇଥିବା ଦାରିଙ୍ଗବାଡି କୌଣସି ହିଲ୍ ଷ୍ଟେସନରୁ କିଛି କମ୍ ନୁହେଁ। ଜଙ୍ଗଲର ସବୁଜିମା, ପାଇନ ବଣ, ପାହାଡ, ଝରଣା ସାଙ୍ଗକୁ ବିଭିନ୍ନ କିସମର ଫୁଲ ସ୍ଥାନଟିର ଶୋଭା ବଢାଇଥାଏ। ଏଠାରେ ସ୍ଥାନେ ସ୍ଥାନେ ହଳଦୀ ଓ ସୋରିଷର ଚାଷ କରାଯାଇଥାଏ। ଦାରିଙ୍ଗବାଡିରୁ ଅଳ୍ପ ଦୂରରେ ବାଲିଗୁଡାଠାରେ ଥିବା କୋଟାଗଡ ବାଘ, ହାତୀ, ସମ୍ବର ଓ ବିଭିନ୍ନ ପ୍ରକାରର ସ୍ତନ୍ୟପାୟୀ ପ୍ରାଣୀଙ୍କ ଆଶ୍ରୟସ୍ଥଳ ପାଲଟିଛି। ରାଜ୍ୟର ପର୍ଯ୍ୟଟନସ୍ଥଳୀ ବିଷୟରେ ଆଲୋଚନା କରିବା ସମୟରେ ନୀଳାଚଳ ଧାମ ପୁରୀକୁ ଭୁଲି ହେବ ନାହିଁ। ବିଶ୍ୱ ଦରବାରରେ ଓଡ଼ିଶାକୁ ପରିଚୟ ଦେଇଥିବା ଏହି ପୁଣ୍ୟପୀଠଟି ଦେଶର ଚାରିଧାମ ମଧ୍ୟରୁ ଅନ୍ୟତମ। ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ସହିତ ପୁରୀର ବିସ୍ତୀର୍ଣ୍ଣ ବେଳାଭୂମି ପର୍ଯ୍ୟଟଙ୍କୁ ଆକୃଷ୍ଟ କରିଥାଏ। ଖାସ୍ ଖରାଦିନରେ ଏହା ପର୍ଯ୍ୟଟଙ୍କ ପାଇଁ ଭୂସ୍ୱର୍ଗ ପାଲଟିଯାଏ କହିଲେ ଭୁଲ ହେବନାହିଁ। ଶ୍ରୀକ୍ଷେତ୍ରର ଆଖପାଖରେ ମଧ୍ୟ ପର୍ଯ୍ୟଟନର ଯଥେଷ୍ଟ ସାଧନ ରହିଛି। ପୁରୀରୁ ଅଳ୍ପ ଦୂରେ ରହିଛି ଶିଳ୍ପୀ ଗ୍ରାମ ରଘୁରାଜପୁର। ପଟ୍ଟଚିତ୍ର ପାଇଁ ପ୍ରସିଦ୍ଧ ଏହି ଗ୍ରାମର ପ୍ରତ୍ୟେକଟି ପରିବାର କୌଣସି ନା କୌଣସି ହସ୍ତକଳା ସହିତ ଜଡିତ। ଏହା ହସ୍ତକଳାର ଏକ ମୁକ୍ତ ସଂଗ୍ରହାଳୟ ଭଳି ମନେହୁଏ। ରାଜ୍ୟର ଏହିସବୁ ସ୍ଥାନଗୁଡିକୁ ବର୍ଷର ପ୍ରାୟ ସବୁ ସମୟରେ ପର୍ଯ୍ୟଟକଙ୍କ ଗହଳି ଲାଗି ରହିଥାଏ। ***(ସୌଜନ୍ୟ: ପି.ଆଇ.ବି.)***

# ସମସ୍ୟା ପୀଡ଼ିତ ମଣିଷର କଥା



ନିକଟଅତୀତରେ ଏକ ଦୈନିକ ସମ୍ବାଦପତ୍ରରୁ ନୈରାଶ୍ୟଜନକ ସମ୍ବାଦଟିଏ ପଢିଲି। ଗୁରୁତର ରୋଗରେ ପୀଡ଼ିତ ଜଣେ ବ୍ୟକ୍ତି ସୁଦୂର ହାଇଦ୍ରାବାଦ୍‌ରୁ ଆମ୍ବୁଲାନ୍ସରେ ବୁହା ହୋଇ ତାଙ୍କ ନିଜ ସହର ନବରଙ୍ଗପୁରରେ ପହଞ୍ଚିଲେ। ରୋଗୀଟି ଅତି ଗୁରୁତର ଓ ବଞ୍ଚିବାର ଆଶା କମ୍ ଥିବାରୁ ସେ ସାମୟିକ ଚିକିତ୍ସା ପାଇଁ ଜିଲ୍ଲା ଚିକିତ୍ସାଳୟରେ ପହଞ୍ଚିଲେ। ରୋଗର ସାଂଘାତିକ ଅବସ୍ଥା ଯୋଗୁ ତାଙ୍କୁ ଅକ୍ସିଜେନ୍ ଦେଇ ଆଇସିୟୁ ପ୍ରକୋଷ୍ଠରେ ରଖିବା ପାଇଁ ଉପଦେଶ ଦିଆ ଯାଇଥିଲା। ମାତ୍ର ସେଠାରେ ଦେଖାଗଲା ଯେ, ଆଇସିୟୁ ପ୍ରକୋଷ୍ଠରେ ତାଲା ଝୁଲୁଛି। ଯନ୍ତ୍ରପାତି ସବୁ ବିକ୍ଷିପ୍ତ ହୋଇ ଏଣେତେଣେ ପଡ଼ିଛି। ଏପରିକି ଜୀବନ ରକ୍ଷାକାରୀ ଅକ୍ସିଜେନ୍‌ର ସଂଯୋଗ ମଧ୍ୟ ନାହିଁ। ଏଭଳି ଅବସ୍ଥା ଦେଖି ହାଇଦ୍ରାବାଦ୍‌ରୁ ଆସିଥିବା ରୋଗୀ ସହ କର୍ମଚାରୀ ମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ସେମାନେ ସିନା ଆଶ୍ଚର୍ଯ୍ୟ ହୋଇଥିଲେ, ହେଲେ ଜିଲ୍ଲାବାସୀଙ୍କ ପାଇଁ ଏହା ନୂଆ ଘଟଣା ନଥିଲା। ଦିନ ଥିଲା ଯେତେବେଳେ ଚିକିତ୍ସାଳୟରେ ଔଷଧ ଚିଠା ଲେଖିବା ପାଇଁ କାଗଜର ଅଭାବ ଥିଲା। ୨୦୦୫ରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିସନ୍ (ଏନ୍‌ଆର୍‌ଏଚ୍‌ଏମ୍) କାର୍ଯ୍ୟକାରୀ ହେଲା। ସମୁଦ୍ର ଲହଡ଼ି ଭଳି ଅନୁଦାନ ସ୍ରୋତ ମାଡ଼ି ଆସିଲା। ରଙ୍ଗାରଙ୍ଗ ଘର, କାଚର ଦ୍ୱାର ଓ ଝରକା, ଏସି ମେସିନ୍, ମାର୍ବଲ୍ ଚଟାଣ, ଗଦି ଲଗା ଚେୟାର୍, ନିୟନ୍ ଲାଇଟ୍, ଶହଶହ ଗାଡ଼ି ଓ ସୁନ୍ଦର ଉଦ୍ୟାନରେ ହସ୍ପିଟାଲ୍‌ଗୁଡ଼ିକ ଶୋଭା ପାଇଲା। ହେଲେ ବାସ୍ତବ ଭିତ୍ତିଭୂମିର ବିକାଶ ହୋଇ ପାରିଲା ନାହିଁ। ଏବେ ବି ପ୍ରତିଦିନ ଅବିଭକ୍ତ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରୁ ଶହଶହ ରୋଗୀ ନିଜର ଜରୁରୀ ଚିକିତ୍ସା ପାଇଁ ସୁଦୂର ବିଶାଖାପାଟଣା ଓ ରାୟପୁରକୁ ଯାଉଛନ୍ତି। ସାମାନ୍ୟ ଅଲ୍‌ଟ୍ରାସାଉଣ୍ଡ ପାଇଁ ରୋଗୀକୁ ଛତିଶଗଡ଼ର ଜଗଦଲପୁର ଯିବାକୁ ପଡୁଛି। ଆୟୁଷ ଡ଼ାକ୍ତରଙ୍କୁ ନେଇ ହସ୍ପିଟାଲ୍ ଚାଲୁଛି। ୨୦୧୭ ମସିହାରେ ଏନ୍‌ଆର୍‌ଏଚ୍‌ଏମ୍ କାର୍ଯ୍ୟ ବନ୍ଦ୍ ହୋଇଗଲେ ଓ ଅନୁଦାନର ମହାନଦୀ ଶୁଖି ଗଲେ, ତା'ପରେ କି ଅବସ୍ଥା ହେବ କହିବା ମୁସ୍କିଲ୍। ଏ ସଂପର୍କରେ ଏତିକି କୁହାଯାଇ ପାରେ ଯେ, ଅଜସ୍ର ଅନୁଦାନ ସତ୍ତ୍ୱେ ଆମେ ଯଦି ଆମ ସ୍ୱାସ୍ଥ୍ୟ ସେବାକୁ ସୁଧାରି ପାରିଲୁ ନାହିଁ, ତେବେ ଭଗବାନ୍ ବି ଆମକୁ କ୍ଷମା ଦେବେ ନାହିଁ।

ନବରଙ୍ଗପୁର ସହର ନିକଟରେ ନୂଆ ଭାବେ ଗଠିତ ମିରଗାଣଗୁଡ଼ା ଅଞ୍ଚଳରେ କୋର୍ଟ, କଚେରୀ, ଷ୍ଟାଡିୟମ୍, ବିଭିନ୍ନ ଅଫିସ୍ ଓ ହସ୍ପିଟାଲ୍‌କୁ ସଂଯୋଗ କରି ଯେଉଁ ପ୍ରାୟ ୨ କି.ମି. ରାସ୍ତାଟି ଲମ୍ବିଛି, ତା'ର ନାମକରଣ କରାଯାଇଛି, 'ପ୍ରଗତି ମାର୍ଗ'। ସେହି ରାସ୍ତାଟି ଅତି ସଂକୀର୍ଣ୍ଣ ଓ ଖାଲଖମାରେ ପରିପୂର୍ଣ୍ଣ। ଯାନବାହନଗୁଡ଼ିକ ଅତି ବିପଜ୍ଜନକ ଅବସ୍ଥାରେ ଯାତାୟାତ କରିଥାନ୍ତି। ଅନେକ ସମୟରେ ଦୁର୍ଘଟଣା ଘଟିଥାଏ। ସେହି ରାସ୍ତା ଦେଇ ପ୍ରତିଦିନ ମନ୍ତ୍ରୀ, ସାଂସଦ, ବିଧାୟକ, ଜିଲ୍ଲାପାଳ ଓ ବିଚାରପତିମାନେ ଯାଇଥା'ନ୍ତି। ପ୍ରତିବର୍ଷ ଅଗଷ୍ଟ ୧୫ ଓ ଜାନୁୟାରୀ ୨୬ରେ ଜିଲ୍ଲା ସ୍ତରୀୟ ପ୍ୟାରେଡ୍ ମଧ୍ୟ ସେଠାରେ ଅନୁଷ୍ଠିତ ହୋଇଥାଏ। ଏହିସବୁ ଦିବସର ଦିନକ ପୂର୍ବରୁ କିଛି ବାଲି ମାଟି ପକାଇ ରାସ୍ତାକୁ ସମତୁଲ କରାଯାଏ। ୨/୩ ଦିନ ପରେ ଯେଉଁ ଖାଲଖମାକୁ ସେହି ଖାଲଖମାରେ ରାସ୍ତା ପୁରିଯାଏ। ପ୍ରଗତିମାର୍ଗର ଯଦି ଏହି ଅବସ୍ଥା, ଅନ୍ୟ ରାସ୍ତାର ଅବସ୍ଥା କ'ଣ, ତାହା ସହଜରେ ଅନୁମେୟ।

ନବରଙ୍ଗପୁର-ଉମରକୋଟ ମୁଖ୍ୟ ରାସ୍ତାରୁ ଅନ୍ୟ ଏକ ରାସ୍ତା ଧୋଡ୍ରା ଠାରୁ ବାହାରି ସିଂସାରୀ ଦେଇ ଓଡ଼ିଶା ସୀମା ଅତିକ୍ରମ କରି ଜଗଦଲପୁର ସହରକୁ ଯାଇଛି। ଆଜିକୁ ୩୦ବର୍ଷ ତଳେ ଏହି ରାସ୍ତାଟି ମାଟି ମୋରମ୍ ରାସ୍ତା ଥିଲେ ହେଁ ଗମନାଗମନ ଉପଯୋଗୀ ଥିଲା। ମାତ୍ର ପରବର୍ତ୍ତୀ କାଳରେ ପିଚୁ ଓ ମରାମତି ଆଳରେ ରାସ୍ତାଟିକୁ ଏଭଳି କଦର୍ଯ୍ୟ କରାଯାଇଛି ଯେ, ଆଜିକୁ ୧୦ବର୍ଷ ହେଲା ରାସ୍ତାଟି ଗମନାଗମନ ପାଇଁ ସଂପୂର୍ଣ୍ଣ ଅନୁପଯୋଗୀ ହୋଇ ପଡ଼ିଛି। ବାଧ୍ୟ ହୋଇ ଲୋକେ ଛତିଶଗଡ଼ର କଣ୍ଡାଗାଁ ଦେଇ ଅଧିକ ୪୦ କି.ମି. ଅତିକ୍ରମ କରି ଜଗଦଲପୁର ଯାଉଛନ୍ତି। ବେଳେବେଳେ କେବିକେ ପ୍ରଶାସକ ତାରା ଦତ୍ତଙ୍କର ଗ୍ରସ୍ତ କାର୍ଯ୍ୟକ୍ରମ ଥିଲେ, ପୁଳିଏ ମାଟି ପକାଇ ପ୍ୟାଚ୍ ଦେଇ ରାସ୍ତାକୁ ସମାନ କରିବାକୁ ଚେଷ୍ଟା କରାଯାଉଛି। ଏହି ଜିଲ୍ଲାର ଦୁଃଖଭରା କାହାଣୀ ଅନେକ। ସବୁଥାଇ ମଧ୍ୟ ଏହି ଜିଲ୍ଲା ଓଡ଼ିଶାରେ ଦରିଦ୍ରତମ ଜିଲ୍ଲାର ମାନ୍ୟତା ପାଇଛି। ଶିଳ୍ପ କ୍ଷେତ୍ରରେ ମଧ୍ୟ ଏହା ସବୁଠୁ ତଳେ। କୌଣସି ବୃହତ୍ ଶିଳ୍ପ ନାହିଁ। ଏଠାରେ ଜଳସେଚନର ମଧ୍ୟ କୌଣସି ସୁବିଧା ନାହିଁ। ସରକାରୀ କଲେଜ୍ ନାହିଁ। ବୈଷୟିକ ଶିକ୍ଷାନୁଷ୍ଠାନ ନାହିଁ। ରେଳଲାଇନ୍ ନାହିଁ। ଅବହେଳାର ଚରମ ସୀମା ପାର କରିଛି ଏହି ଜିଲ୍ଲା। ପ୍ରଗତିର ରଥ ଯେପରି ରାସ୍ତାରେ ଜାମ୍ ହୋଇଯାଇଛି। ଜିଲ୍ଲାର ଏହି ଦୁର୍ଯ୍ୟୋଗ ବେଳେ ଜିଲ୍ଲାର ପ୍ରଶାସକ ଗୋଷ୍ଠୀ ଓ ଜନପ୍ରତିନିଧି ଗୋଷ୍ଠୀ ଉଭୟ କଳହରେ ମାତି ରହିଛନ୍ତି। ଏହାକୁ କେବଳ ଜିଲ୍ଲାର ଦୁର୍ଭାଗ୍ୟ ଛଡ଼ା ଆଉ କ'ଣ କୁହାଯାଇପାରିବ!

**ଡାକ୍ତର ସୁରେନ୍ଦ୍ର ନାଥ ଦାଶ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ୍, ନବରଙ୍ଗପୁର, ମୋ-୯୪୩୭୨୩୫୩୮୬*


## DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

**TARIFF:** 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**ADMISSION ON**
**MPS PLAY HOME**
Where awareness nurtured, innocence blossoms.
*For*
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
*Contact :*
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

**ADMISSION ON**
**MAHARISHI PUBLIC SCHOOL**
your gateway to complete education
*For*
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ପଣ୍ଡିତ ସତ୍ୟପଦ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ 'ଭାଇ' ନାମକ ଗ୍ରନ୍ଥ ଉନ୍ମୋଚିତ



ବାଲେଶ୍ୱର (ପିଏନ୍)- ବାଲିଆପାଳ ବ୍ଲକ ବନରାମପୁର ପଂଚାୟତର ସୁନାରୁଇ ଠାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ରାଜ୍ୟ ସଦସ୍ୟ ତଥା କବି କାଳୀପଦ ପଣ୍ଡାଙ୍କ କନିଷ୍ଠ ଭ୍ରାତା ୰ ପଣ୍ଡିତ ସତ୍ୟପଦ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତାଙ୍କ ବାସଭବନରେ କବି କାଳିପଦ ପଣ୍ଡାଙ୍କ ସଭାପତିତ୍ୱରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ତଥା ଜିଲ୍ଲା ବାହାରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ୰ ପଣ୍ଡିତ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ସ୍ମୃତି ଉଦ୍ଦେଶ୍ୟରେ ସ୍ମୃତିଚାରଣ କରିଥିଲେ। ସ୍ମୃତି ସଭାରେ ମୁଖ୍ୟ ଅତିଥି ଭାବେ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ବିଶିଷ୍ଟ ସମାଜସେବୀ 'ରେବତୀ' ପତ୍ରିକାର ସଂପାଦିକା ସୁବାସିନୀ ଜେନା ଯୋଗ ଦେଇ ୰ପଣ୍ଡାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଶ୍ରାଦ୍ଧବାର୍ଷିକୀରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବରିଷ୍ଠ ସାହିତ୍ୟକ ଡଃ ରମାକାନ୍ତ ବେହେରା, ଗାଳ୍ପିକ ଅରବିନ୍ଦ ରାୟ, ଆଡଭୋକେଟ୍ ବିଜୟ କୁମାର ପାଣିଗ୍ରାହୀ, ଖିତୀଶ୍ୱର ଦାସ, ସଂଗ୍ରାମୀ ନେତା ଅରୁଣ ଜେନା, ବଳରାମପୁର ସରପଞ୍ଚ ଅରୁଣ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ କୀର୍ତନ ଚନ୍ଦ୍ର ଧଳ, ଦୁକୁଳ ଚନ୍ଦ୍ର ଘୋରାଇ, ତ୍ରିଦେବ କୁମାର ନାୟକ, ଧ୍ୱନି ପ୍ରଧ୍ୱନିର ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡ଼ା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡ଼େଶ୍ୱର ପ୍ରଧାନ, ସମୟର ଚକ୍ରର ସଂପାଦକ ସର୍ବେଶ୍ୱର ଜେନା, 'ସମାଜ'ର ଉତ୍ତର ଓଡ଼ିଶାର ବ୍ୟୁରୋ ଚିଫ୍ ଶଶିରଂଜନ ମଲ୍ଲିକ୍, ଅଭିନନ୍ଦନର ସଂପାଦକ ଜଗଦୀଶ ମିଶ୍ର, ଆଚାର୍ଯ୍ୟ ବିଜୟ ଜି, ଅଧ୍ୟାପକ ପ୍ରଦୀପ୍ତ ମିଶ୍ର, କବି ବ୍ରଜେନ୍ଦ୍ର ନାଥ ଗିରି, କବି ଭରତଚନ୍ଦ୍ର ଦାଶ, କବି ଅଭୟ ଦାସ, ରାଧାରଞ୍ଜନ ପଟ୍ଟନାୟକ, ଉଦୟ ନାରାୟଣ ଦାସ, ପ୍ରସନ୍ନ ପାତ୍ର, ହାଡ଼ିବନ୍ଧୁ ପାତ୍ର, ଚିତ୍ରାରାଣୀ ପାତ୍ର, ବିଜୟ ସେଠୀ, ସାମ୍ବାଦିକ କଞ୍ଚମଣି ସ୍ୱାଇଁ, ଯୋଗେଶ ଚନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ସହ ବହୁ ବିଶିଷ୍ଟ ସାହିତ୍ୟିକ ଏବଂ ଶିକ୍ଷାବିତ୍, ଗ୍ରାମବାସୀ ଓ ଅଞ୍ଚଳର ଜନସାଧାରଣ ଯୋଗଦେଇ ୰ ପଣ୍ଡାଙ୍କ ସ୍ମୃତିରେ ଓଡ଼ିଶାର କୋଣ ଅନୁକୋଣରୁ ସାହିତ୍ୟିକମାନଙ୍କୁ ନେଇ 'ଭାଇ' ନାମକ ଏକ ବିଶେଷ ସଂକଳନର ଉନ୍ମୋଚନ କରିଥିଲେ। କାଳୀପଦ ପଣ୍ଡା ଏଥିରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ବିଧାୟକଙ୍କଦ୍ୱାରା ରାସ୍ତା ଶିଳାନ୍ୟାସ

ଫୁଲନଖରା (ପିଏନ୍))-କଟକ ମହାନଗର ନିଗମ ୫୮ନମ୍ବର ୱାର୍ଡ଼ ବିଭିନ୍ନ ସ୍ଥାନରେ ରାସ୍ତା ଉନ୍ନତିକରଣ ପାଇଁ ସଦର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ଦ୍ୱାରା ଶିଳାନ୍ୟାସ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏଥିରେ ନୂଆଗଡ଼ ଅନନ୍ତବଳିଆ କଲେଜ ନିକଟ ବେହେରାସାହି ରାସ୍ତା, ପ୍ରତାପନଗରୀ ଗ୍ରାମର ମୁଖ୍ୟରାସ୍ତା, ଭାଣପୁର ମଝିସାହି ଗଡ଼ା ରାସ୍ତା ଏବଂ ସଦର ଥାନା ପାର୍ଶ୍ୱ ଡାହାଳିଆବାଗ ରାସ୍ତା ସାମିଲ ହୋଇଛି। ଏହି ୪ଟି ରାସ୍ତାର ଉନ୍ନତିକରଣ ପାଇଁ ୪୦ଲକ୍ଷ ଟଙ୍କା ମଂଜୁର ହୋଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ୫୮ନମ୍ବର ୱାର୍ଡ଼ ବିଜେଡ଼ି ସଭାପତି ବିକ୍ରମକେଶରୀ ଶତପଥି, କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ସଦର ବ୍ଲକ ସଭାପତି ପ୍ରମୋଦ ମହାପାତ୍ର, ସଦର ବିଜେଡ଼ି ମହିଳା ସାଧାରଣ ସମ୍ପାଦିକା ରାଜକୁମାରୀ ସ୍ୱାଇଁ, ମୁରବି ପୀତବାସ ମହାପାତ୍ର, ନାରୀନେତ୍ରୀ ଶିବାନୀ ଜେନା, ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ପ୍ରମୋଦ ସ୍ୱାଇଁ, ସମ୍ପାଦକ ପ୍ରମୋଦ ବେହେରା, ସୁଶାନ୍ତ ମହାନ୍ତି, କୌଶିକ ଜେନା, ଯତୀନ୍ଦ୍ର ଶତପଥି, ବିଜୟ ରାଉତ, ସନ୍ତୋଷ ଲେଙ୍କା, ନିରଂଜନ ରାଉତ, ଅଜିତ ରାଉତ, ମହେଶ୍ୱର ଭଟ, ଡଲି ନାୟକ, ପରମାନନ୍ଦ ଭଟ୍ଟ, ରବିନ୍ଦ୍ରନାଥ ସ୍ୱାଇଁ, ରଘୁରାଜ ଶତପଥି, ଶିବୁନ ସେନାପତି, ସୁଭାସିନୀ ସେଠୀ, ଚିତ୍ତରଂଜନ ପ୍ରଧାନ, ତ୍ରୈଲୋକ୍ୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ କୋଷାଧ୍ୟକ୍ଷ ଶ୍ରୀ ଆଲୋକ ଗୋଏଲଙ୍କ ଓଡିଶା ଗସ୍ତ




ଭୁବନେଶ୍ୱର (ପିଏନ୍): ଜାତୀୟ କୋଷାଧ୍ୟକ୍ଷ ଶ୍ରୀ ଆଲୋକ ଗୋଏଲ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ରାଜ୍ୟ ମୁଖ୍ୟାଳୟର ବିଭିନ୍ନ ଜାଗା ବୁଲି ଦେଖିଥିଲେ। ରାଜ୍ୟ ସଂଗଠନ କମିଶନର ଏବଂ ଆଡିମିନିଷ୍ଟ୍ରେଟିଭ୍ ଅଫିସର ଶ୍ରୀମତୀ ଅନାମିକା ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜ୍ୟ ମୁଖ୍ୟ କମିଶନର ଡଃ କାଳିପ୍ରସାଦ ମିଶ୍ର ରାଜ୍ୟରେ ସ୍କାଉଟିଂର ଉନ୍ନତି ପାଇଁ ପ୍ରତ୍ୟେକ ଜିଲ୍ଲାମାନଙ୍କରେ ବିଭିନ୍ନ ପ୍ରକଳ୍ପଗୁଡିକର କାର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଶ୍ରୀ ଗୋଏଲ ନିଜ ବକ୍ତବ୍ୟରେ କହିଥିଲେ ଯେ ଜାତୀୟସ୍ତରରେ ଓଡିଶା ଏବେ ବଡ ବଡ ରାଜ୍ୟମାନଙ୍କୁ ପଛରେ ପକାଇ ସବୁ କ୍ଷେତ୍ରରେ ସବୁଠାରୁ ଆଗରେ ରହିଛି। ଓଡିଶାରେ ସ୍କାଉଟିଂ ଏକ ଛୋଟ ଘରୁ ଆରମ୍ଭ ହୋଇ ଏବେ ସମଗ୍ର ଭାରତରେ ଓଡିଶା ନିଜ ପରିଚୟ ସୃଷ୍ଟି କରିପାରିଛି ବୋଲି ଡଃ. ମିଶ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ଗାଇଡ୍‌ମାନଙ୍କ ଦ୍ୱାରା ଏକ ନୃତ୍ୟ ପରିବେଷଣ କରାଯାଇଥିଲା। ଶ୍ରୀ ଗୋଏଲଙ୍କୁ ଓଡିଶା ତରଫରୁ ଏକ ସ୍ମୃତିଫଳକ ରାଜ୍ୟ ମୁଖ୍ୟ କମିଶନର ଡଃ. ମିଶ୍ର ପ୍ରଦାନ କରିଥିଲେ। ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସଭାପତି ତଥା ମାନ୍ୟବର ମନ୍ତ୍ରୀ ଖାଦ୍ୟ ଯୋଗାଣ ଓ ସମବାୟ ଶ୍ରୀ ଅତନୁ ସବ୍ୟସାଚୀ ନାୟକ ଓଡିଶା ସ୍କାଉଟର କାର୍ଯ୍ୟକ୍ରମମାନ ବିଶ୍ୱସ୍ତରରେ ପ୍ରଶଂସିତ ହେଉଥିବାରୁ ଆନନ୍ଦ ପ୍ରକାଶ କରିଥିଲେ।

## ପ୍ରେସକ୍ଲବ ପକ୍ଷରୁ ଓଏଏସ କଳ୍ପନା ଦାସ ସମ୍ବର୍ଦ୍ଧିତ



ଫୁଲନଖରା (ପିଏନ୍)-ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ରାଜ୍ୟରେ ୨୫ତମ ସ୍ଥାନ ହାସଲ କରିଥିବା କଳ୍ପନା ଦାସଙ୍କୁ କଟକ ସଦର ପ୍ରେସ କ୍ଲବ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ସଭାପତି ସୁରେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ସଦସ୍ୟମାନେ ସଦର ଥାନା ଗୋପାଳପୁର ଅନ୍ତର୍ଗତ ଜଗନ୍ନାଥବିହାରସ୍ଥିତ ତାଙ୍କ ବାସଭବନରେ ପହଞ୍ଚି କଳ୍ପନାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଲଳିତକୁମାର ଦାଶ, ଶ୍ରୀ ସନ୍ନ୍ୟାସୀଜୀ, ଅଜୟକୁମାର ଦାଶ, ଗଜେନ୍ଦ୍ରନାଥ ଦାସ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ରମେଶଚନ୍ଦ୍ର ପ୍ରଧାନ ଓ ଧିରେନ୍ଦ୍ର ସାହୁ ପ୍ରମୁଖ ପ୍ରେସକ୍ଲବ ସଦସ୍ୟଙ୍କ ସମେତ ସମ୍ଭବ କଳା ପରିଷଦ ଆବାହକ ତଥା ନାଟ୍ୟକାର ଅଭୟ ଦାସ ଓ ସଭାପତି ସୁକାନ୍ତ ଧଳ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ବ୍ୟବସାୟୀ ଅକ୍ଷୟ ଦାସ ଓ ଗୃହିଣୀ ପ୍ରତିମା ଦାସଙ୍କ ମଧ୍ୟମା କନ୍ୟା କଳ୍ପନା ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସମାପ୍ତ ପରେ ରାଜ୍ୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ କଠିନ ପରିଶ୍ରମ କରୁଥିଲେ।

## ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳିତ

ବାଲେଶ୍ୱର (ପିଏନ୍)- ବାଲେଶ୍ୱରରେ ଶ୍ରଦ୍ଧା ଓ ଭକ୍ତିର ସହ ଇସଲାମ ଧର୍ମର ପ୍ରଚାରକ ମହାପୁରୁଷ ମହମଦଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ସହର ସମେତ ସମଗ୍ର ଜିଲ୍ଲାର ମୁସଲମାନ ଭାଇମାନେ ସକାଳ ସ୍ନାନ କରି ନୂଆ ପରିଧାନ ପୂର୍ବକ ସାମୂହିକ ପ୍ରାର୍ଥନା ସଭାରେ ଯୋଗ ଦେଇଥିଲେ। ସହରର ଗୋଲା ପୋଖରୀ, ମରୁଆସାହି, ଗଡ଼ଗଡ଼ିଆ ପ୍ରଭୃତି ଅଞ୍ଚଳର ମସ୍‌ଜିଦ୍‌ରେ ସାମୁହିକ ପ୍ରାର୍ଥନା କରାଯାଇଥିଲା। କେତେକ ସ୍ଥାନରେ ମୌଲବୀମାନେ ହଜରତ ମହମ୍ମଦଙ୍କ ଜୀବନ ଦର୍ଶନ ଓ ଧର୍ମଶିକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ସକାଳେ ମୁସଲମାନ ସମ୍ପ୍ରଦାୟ ଦରଦ ବୈଦାନୀ ଠାରୁ ବାହାରି ସହର ପରିକ୍ରମା କରିଥିଲେ।




## ବିଆଇଟିଏମରେ ପୁସ୍ତକ ପ୍ରଦର୍ଶନୀ

# ପୁସ୍ତକ ହେଉଛି ଜ୍ଞାନର ଭଣ୍ଡାର



**ଭୁବନେଶ୍ୱର,(ପିଏନ)-** ପୁସ୍ତକ ହେଉଛି ଜ୍ଞାନର ଭଣ୍ଡାର। ପୁସ୍ତକକୁ ଭଲ ସାଥୀ ଟିଏ କଲେ ଛାତ୍ରଛାତ୍ରୀ ଜ୍ଞାନୀ, ଗୁଣୀ ଓ ବିଜ୍ଞ ହୋଇ ପାରିବେ। ବର୍ତ୍ତମାନର ଦୃତ ପ୍ରଗତି ଡିଜିଟାଲ ଯୁଗରେ ବିଦ୍ୟାର୍ଥୀମାନେ ଡିଜିଟାଲ ଅଧ୍ୟୟନରେ ଲିପ୍ତ ରହୁଛନ୍ତି। ଏହି କ୍ଷଣସ୍ଥାୟୀ ପ୍ରକ୍ରିୟାରେ କମ୍ ସଂଖ୍ୟକ ସଫଳତା ପାଉଥିଲା ବେଳେ ବହୁ ବିଫଳଗାମୀ ହୋଇ କୁପଥରେ ଯାଉଛନ୍ତି। ତେଣୁ ଡିଜିଟାଲ ପୁସ୍ତକ ଅପେକ୍ଷା ମୁଦ୍ରିତ ପୁସ୍ତକକୁ ଆପଣାର କରିବା ସହିତ ଅଧ୍ୟୟନ ଜାରି ରଖିଲେ ସଫଳତା ନିଶ୍ଚୟ ମିଳିବ ବୋଲି ଆଜି ବିଆଇଟିଏମ କ୍ୟାମ୍ପସ ପରିସରରେ ଅନୁଷ୍ଠିତ ପୁସ୍ତକ ପ୍ରଦର୍ଶନୀରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଆଜି ପଟିଆ ସ୍ଥିତ ବିଆଇଟିଏମ କ୍ୟାମ୍ପସ ପରିସରରେ ଗ୍ରନ୍ଥାକାରକ ବୀରକିଶୋର ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୁସ୍ତକ ପ୍ରଦର୍ଶନୀରେ ବିଶିଷ୍ଟ ଅତିଥି ଭାବେ ଅଧ୍ୟକ୍ଷ ଡା ମିହିର ରଞ୍ଜନ ନାୟକ, ପରାମର୍ଶଦାତା ଇଂ ପି ଆର ପଟ୍ଟନାୟକ, ଡିନ୍ ଡା ଅଶୋକ କୁମାର ରଥ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆଜିର ଦୃତ ଗତିଶୀଳ ଡିଜିଟାଲ ପରିବେଶରେ ମୁଦ୍ରିତ ପୁସ୍ତକର ମହତ୍ୱକୁ ପ୍ରେରଣା ଓ ପ୍ରୋତ୍ସାହିତ କରିବା ପାଇଁ କଲେଜ ପକ୍ଷରୁ ଏହି ଆୟୋଜନ କରାଯାଇଥିଲା। ଏଥିରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଓ ଶିକ୍ଷକ ଯୋଗଦାନ କରିଥିଲେ।

## ଶହୀଦ ପଦ୍ମନାଭ ଛୋଟରାୟଙ୍କୁ ବଳିଦାନ ଦିବସରେ ସଂସ୍କୃତି ବିଭାଗର ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,(ପିଏନ)- ଖୋର୍ଦ୍ଧା ପାଇକ ବିଦ୍ରୋହର ଅନ୍ୟତମ ଲଢୁଆ ଯୋଦ୍ଧା ଓ ଦକ୍ଷ ସେନାପତି ଶହୀଦ ପଦ୍ମନାଭ ଛୋଟରାୟଙ୍କ ୨୦୧ତମ ବଳିଦାନ ଦିବସ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଶୁକ୍ରବାର ପ୍ରତ୍ୟୁଷରେ ତାଙ୍କ ଜନ୍ମମାଟି ଭୁବନେଶ୍ୱର ବଡ଼ଗଡ଼ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀଠାରେ ଅନୁଷ୍ଠିତ ହୋଇ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ସହ ଦୀପଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପ୍ରତ୍ୟୁଷରେ ବାଲିଅନ୍ତାସ୍ଥିତ କୁଶଭଦ୍ରା ନଦୀରେ ପଣ୍ଡିତ ଶ୍ରୀଧର ଦାଶ ତିଳତର୍ପଣ କରିବା ସହ ସ୍ଥାନୀୟ ନିକୁଞ୍ଜ ବିହାରୀ ମନ୍ଦିରରେ ପୂଜାର୍ଚ୍ଚନା କରି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ବଡ଼ଗଡ଼ଠାରେ ପ୍ରଥମେ ଏକ ଶୋଭାଯାତ୍ରା ଅଞ୍ଚଳ ପରିକ୍ରମା କଲାପରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ କର୍ପୋରେଟର ପ୍ରତାପ ଜେନା, ସ୍ଥାନୀୟ କର୍ପୋରେଟର ପ୍ରଦୀପ ବେହେରା, ଉଇ ଫର ଭୁବନେଶ୍ୱରର ସଭ୍ୟବୃନ୍ଦ ନିଜ ବକ୍ତବ୍ୟରେ କହିଥିଲେ।

## ବିମଳ ତରାଇଙ୍କ ବିୟୋଗରେ ଶୋକ

କେନ୍ଦ୍ରାପଡ଼ା, (ପିଏନ): କେନ୍ଦ୍ରାପଡାର ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇଙ୍କ ପିତା ତଥା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତନୁପୁର ନିବାସୀ ବିମଳ ଚନ୍ଦ୍ର ତରାଇଙ୍କ ୭୮ବର୍ଷ ବୟସରେ ଆଜି ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସିତ ଅବସ୍ଥାରେ ବିୟୋଗ ହୋଇଯାଇଛି। ସ୍ୱର୍ଗତ ତରାଇ ଦୀର୍ଘଦିନ ଧରି ସ୍ୱାସ୍ଥ୍ୟ ଜନିତ ରୋଗରେ ପିଡିତ ଥାଇ ଚିକିତ୍ସିତ ଥିଲେ। ତାଙ୍କ ବିୟୋଗରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ମର ଶରୀରକୁ ଭୁବନେଶ୍ୱରରୁ ନିଜ ଗ୍ରାମ ତନୁପୁରକୁ ନିଆଯିବା ବେଳେ ବାଲିଆ, ଜମଧର, ଦୁହୁରିଆ, କଲେଜଛକ, ତିନିମୁହାଣୀ ଛକ, ଗରାପୁର ଡାକବଙ୍ଗଳା ଛକ, ବାରୋ, ଗୋଗୁଆ, ମୁଲବସନ୍ତ ପ୍ରଭୃତି ସ୍ଥାନରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଗରାପୁର ଡାକବଙ୍ଗଳା ଛକରେ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ରଶ୍ମୀରଞ୍ଜନ ରାଉତ, ପୂର୍ବତନ ପୌରପାଳ ଧିରେନ ସାହୁ, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, , ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦିପ କୁମାର ମହାନ୍ତି, ଦେବଦାସ ମହାନ୍ତି, ନଗର ବିଜେଡି ସଭାପତି ଯଯାତିକେଶରୀ ମହାନ୍ତି, ପୂର୍ବତନ ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ଛାତ୍ର ବିଜେଡି ସଭାପତି ପ୍ରଦୀପ ସାହୁ କାଉନସିଲର ଉମେଶ ଚନ୍ଦ୍ର ନାୟକ, ବିଜୟ ପତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜ ସାହୁ, କାଉନସିଲର ପ୍ରଭାଶିଷ ପଣ୍ଡା, ଯୁବ ନେତା ସରୋଜକାନ୍ତ ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ସ୍ୱର୍ଗତ ତରାଇଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାର ଠାରେ ସ୍ୱର୍ଗତ ତରାଇଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁତ୍ର ପ୍ରାକ୍ତନ ବିଧାୟକ କିଶୋର ଚନ୍ଦ୍ର ତରାଇ ମୁଖାଗ୍ନି ଦେଇଥିଲେ।

# ବିକାଶରେ ଶିକ୍ଷକ କର୍ମଶାଳା



ସମ୍ବଲପୁର,(ପିଏନ): ଶାସନସ୍ଥିତ ବିକାଶ ଦ କନ୍‌ସେପ୍ଟ ସ୍କୁଲରେ ଏକ ଶିକ୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିକାଶ ସମୂହର ପାଂଚଟି ବିଦ୍ୟାଳୟର ଶିକ୍ଷକମାନେ ଯୋଗ ଦେଇଥିଲେ। ପ୍ରଥମେ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନକରି କାର୍ଯ୍ୟାକ୍ରମର ଶୁଭାରମ୍ଭ କରିଥିଲେ। ଏହା ପରେ ବିକାଶ ଗ୍ରୁପ୍‌ର ଡିନ ଶ୍ରୀଯୁକ୍ତ ପିତାମ୍ବର ଦାଶ ସଭାପତିତ୍ୱ କରି ବିଭିନ୍ନ ବିଦ୍ୟାଳୟ ମାନଙ୍କରେ କିଭଳି ଗୁଣାତ୍ମକ ଶିକ୍ଷାଦାନ କରାଯିବା ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାଦାନ କୌଶଳ ବୁଝିବା ସହ କିଭଳି ଭାବେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଏହି କୌଶଳରେ ଶିକ୍ଷା ଦେବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ବିକାଶ ଦ କନ୍‌ସେପ୍ଟ ସ୍କୁଲର ଅଧକ୍ଷ ଶ୍ରୀଯୁକ୍ତ ମନୋରଂଜନ ପତି ସିବିଏସ୍‌ଇରେ ଉପଲବ୍ଧ ବିଭିନ୍ନ ବିଷୟ ତଥା ପାଠ୍ୟ ଖସଡ଼ା ଓ ପ୍ରଶ୍ନ ବ୍ୟାଙ୍କ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ନବମ ଓ ଦଶମ ଶ୍ରେଣୀର ୫୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ସଂଜୀବ କୁମାର ବାବୁ, ବିକାଶ ଫାଷ୍ଟ ଷ୍ଟେପ୍ ସମ୍ବଲପୁର ଅଧକ୍ଷା ଶ୍ରୀମତୀ ଭି. ଶୈଳଜା, ବିକାଶ ଫାଷ୍ଟ ଷ୍ଟେପ୍ ବରଗଡ଼ ଅଧକ୍ଷା ଶ୍ରୀମତୀ ପୁଷ୍ପଲତା ମହାପାତ୍ର, ବିକାଶ ଟେକ୍ନୋ ସ୍କୁଲ ଝାରସୁଗୁଡ଼ା ଅଧକ୍ଷା ଶ୍ରୀମତୀ ବିନ୍ଧ୍ୟା ରାଜୁ ଓ ରାଉରକେଲା ବିକାଶ ଇଣ୍ଡ ଗ୍ଲୋବାଲ ସ୍କୁଲ ଅଧକ୍ଷ ଶ୍ରୀଯୁକ୍ତ ମନୋଜ ମେନନ ପ୍ରମୁଖ ଉପସ୍ଥିତ ଥିଲେ। ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ଶ୍ରୀଯୁକ୍ତ ଜି ଭାସ୍କର ରାଓ ଓ ଏକାଡେମିକ୍ ଡାଇରେକ୍ଟର ଶ୍ରୀଯୁକ୍ତ ଜି. ରାମକୃଷ୍ଣ ଏହି କର୍ମଶାଳାରେ ଭାଗ ନେଇଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଓ ପ୍ରଶଂସା କରିଥିଲେ।

# ପ୍ରାଚୀ ସାହିତ୍ୟ ସମାଜର ସାହିତ୍ୟ ସଭା ଅନୁଷ୍ଠିତ




କଟକ,(ପିଏନ)-'ପ୍ରାଚୀ' ସାହିତ୍ୟ ସମାଜ ଓ ରେଭେନ୍‌ସା ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗର ମିଳିତ ଅନୁକୁଲ୍ୟରେ ସାହିତ୍ୟ ସଭା ଓ ବହୁଭାଷୀ କବିତା ପାଠ ହିନ୍ଦୀ ବିଭାଗର ସେମିନାର ହଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହିନ୍ଦୀ ବିଭାଗର ମୁଖ୍ୟ ପ୍ରଫେସର ଅଞ୍ଜୁମନ ଆରା ସଭାପତିତ୍ୱ କରି ସମାଜ ସେବାରେ ସାହିତ୍ୟ ଓ ଗାନ୍ଧିବାଦ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ରୁପେ ବରିଷ୍ଠ ଅଇନଜୀବି ତାରାନନ୍ଦ ପଟ୍ଟନାୟକ ଓ ସୟଦ ନଫିସ ଦସନଭି ଯୋଗଦାନକରି ବର୍ତ୍ତମାନ ଯୁଗରେ ଗାନ୍ଧୀବାଦର ପ୍ରାସଙ୍ଗିକତା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥି ରୂପେ ରେଭେନ୍‌ସା ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗର ମୁଖ୍ୟ ଡ.ଜ୍ଞାନୀଦେବାଶିଶ ମିଶ୍ର ଓ ବରିଷ୍ଠ କବି ସୁରେଶ ନାୟକ ଯୋଗଦାନ କରିଥିଲେ।କବିତା ପାଠୋତ୍ସବରେ ଡ. ଅଭିଷେକ ଶର୍ମା, ଶୌକତ ରଶିଦି, ଅଶ୍ୱନୀ ସେଠୀ, ମୀରା ବେଉରା ସଂଯୋଜନା କରିଥିଲେ। ଏହି ସାହିତ୍ୟ ସଭାରେ ସବିତା ମଞ୍ଜରୀ ଦାଶଙ୍କର ପୁସ୍ତକ ଭାବନାର ପ୍ରତିଲିପି ଉନ୍ମୋଚିତ ହେଇଥିଲା।ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତୀ ରାଣୀ ମହାନ୍ତି, ସ୍ନେହଲତା ଦ୍ୱିବେଦୀ, ଡ. ବସନ୍ତ କୁମାରି ନନ୍ଦ.ଡ. ବୈଜୟନ୍ତୀମାଳା ଶତପଥୀ, ମିର୍ଜା ବୁରହାନ, ବବିତା ଦାସ ମହାପାତ୍ର, ମଧୁସ୍ମିତା ମିଶ୍ର, ଫରଜାନା ବେଗମ, ନିବେଦିତା ମହାନ୍ତି, ହରେକୃଷ୍ଣ ଦଳାଇ, ଗିତାଞ୍ଜଳି ପୃଷ୍ଟି,ରାଜ କିଶେର ସ୍ୱାଇଁ, ବ୍ରଜବନ୍ଧୁ ପୃଷ୍ଟି, କ୍ଷିରୋଦ ଚନ୍ଦ୍ର ଜେନା,ଶୂନ୍ୟକାନ୍ତ ଦାଶ, ବିମଳ କୁମାର ଦାଶ ପ୍ରମୁଖ ଯୋଗଦାନ କରି କବିତା ପାଠ କରିଥିଲେ। ଶେଷରେ ପ୍ରାଚୀ ଅନୁଷ୍ଠନର ସଂପାଦକ ଡ. ବିଭୁଦତ୍ତ ଖଣ୍ଡାୟତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଆସାନି ଆବାକ୍ସର ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ




**ଭୁବନେଶ୍ୱର,(ପିଏନ):** ଆସାନି ଆବାକ୍ସର ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବ ସି.ଓ୍ୱାଇ.ଏସଡ଼ି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗୀତା ଭୁବନେଶ୍ୱରସ୍ଥିତ ଆରିଫିନ ଏକାଡେମୀ ପରିସରରେ ଗତ ମାସ ୧୮ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗୀତାରେ ୬୦୦ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଛାତ୍ରଛାତ୍ରୀ ବିଭିନ୍ନ ଜିଲ୍ଲାରୁ ଆବାକସ୍, ବେଦିକ ଗଣିତ, ଚିତ୍ରାଙ୍କନ ଓ ସୁନ୍ଦର ହସ୍ତଲିପି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଆଜିର ଏହି ପୁରସ୍କାର ବିତରଣ ଉତ୍ସବରେ ରିଜିଓନାଲ ଇନଷ୍ଟିଚ୍ୟୁଟ ଅଫ ପ୍ଲାନିଙ୍ଗ, ଆପ୍ଲାଏଡ଼ ଇକୋନେମିକ୍ସ ଆଣ୍ଡ ଷ୍ଟାଟିଷ୍ଟିକ୍ସ (ରିପାସ୍)ର ନିର୍ଦ୍ଦେଶକ ବିଜୟ ଭୂଷଣ ନନ୍ଦ ଓ ଚିତ୍ତରଞ୍ଜନ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆସାନି ଆବାକ୍ସର ପରିଚାଳନା ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ଗୌଡ଼ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆସାନି ଆବାକ୍ସର ନିର୍ଦ୍ଦେଶିକା ଶ୍ରୀମତୀ ଗୀତାଞ୍ଜଳି ଗୌଡ଼ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ମା'କ୍ଷେତ୍ରବାସୀଙ୍କ ପୀଠରେ ମକର ମେଳା, ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ

**ଭଦ୍ରକ, (ପିଏନ)-** ମକର ସଂକ୍ରାନ୍ତି ଉପଲକ୍ଷେ ଜିଲ୍ଲାରେ ସମସ୍ତ ଦେବୀ ପୀଠରେ ପାଳନ କରାଯାଏ ମକର ମେଳା। ଏହି ମେଳାକୁ ଭକ୍ତ ମାନେ ବହୁ ଜାକ ଜକମରେ ପାଳନ କରୁଥିଲା ବେଳେ ଭଦ୍ରକ ବ୍ଲକ ଅନ୍ତର୍ଗତ କଲେଇ ପଞ୍ଚାୟତ ଟାଙ୍କୁଣୀ ଚୁନୀଦାସ୍ଥିତ କପାଳୀ ନଦୀ କୂଳରେ ପୂଜା ପାଉଥିବା ମା' କ୍ଷେତ୍ରବାସୀଙ୍କ ପୀଠରେ ଆଜି ବଡ଼ ଧୁମ ଧାମରେ ମକର ପର୍ବ ପାଳିତ ହୋଇଛି। ମନ୍ଦିରରେ ସାଜସଜ୍ଜା ସାଙ୍ଗକୁ ରଙ୍ଗ ବେରଙ୍ଗର ଆଲୋକସଜ୍ଜା ଦର୍ଶକ ମାନଙ୍କୁ ବହୁ ଆନନ୍ଦିତ କରିଛି। ଏଥିସହ ହୋମଯଜ୍ଞ ଓ କାଳିସୀ ମାନଙ୍କ ନୃତ୍ୟ ମନ୍ଦିର ପରିବେଶକୁ ଅଧିକ ଚଳଚଞ୍ଚଳ ହୋଇଉଠିଥିଲା। ଝୁଣାଧୁଆଁ ସାଙ୍ଗକୁ ଢ଼ୋଲ ବାଜଣାରେ କାଳିସୀ ମାନଙ୍କ ବେତଧରି ଉନ୍ମୁକ୍ତ ନାଚ ଦେଖିବା ପାଇଁ ଦିନ ତମାମ୍ ମନ୍ଦିର ପରିସର ଲୋକାରଣ୍ୟ ହୋଇଥିଲା। ହଜାର ହଜାର ଦେଖଣାହାରିଙ୍କ ଶହ ଶ୍ରଦ୍ଧାଳୁ ମାନଙ୍କ ନାହିଁ ନଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ଏହିପୁଜା ଦୀର୍ଘ ୪ଦିନ ଧରି ଚାଲୁରହିବ ବୋଲି ମା' କ୍ଷେତ୍ରବାସୀ ମକର ମେଳା କମିଟି, ଚୁନିଦା, ଟାଙ୍କୁଣୀର ସଭାପତି ପୁରୁଷୋତ୍ତମ ସାହୁ, ସଂପାଦକ ଗୌର ଗୋପାଳ ଜେନା, ନିତ୍ୟାନନ୍ଦ ବେହେରା, ଉପେନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ବେହେରା, ବାବୁରାମ ମଲ୍ଲିକ, ମହେନ୍ଦ୍ର ମଲ୍ଲିକ (ମୁନା), ଦୀପକ ମଲ୍ଲିକ, ସୁରେନ୍ଦ୍ର ବେହେରା, ସମୀର ମଲ୍ଲିକ, ଚକ୍ରଧର ଜେନା, ରାଜେନ୍ଦ୍ର ବେହେରା, ଶେଖର ଚନ୍ଦ୍ର ବେହେରା, କାହ୍ନୁଚରଣ ଜେନା, ରାଜେନ୍ଦ୍ର ସାହୁ, ଅଭିରାମ ବେହେରା ପ୍ରମୁଖ ସୂଚନା ଦେଇଛନ୍ତି। ଆଜିର ଏହି ଉତ୍ସବରେ ପୂର୍ବତନ ଭଦ୍ରକ ପଂଚାୟତ ସମିତି ଉପାଧ୍ୟକ୍ଷା ଜ୍ୟୋସ୍ନାମଂଜରୀ ରାଉତ, ସ୍ଥାନୀୟ ସରପଞ୍ଚ ନିରଞ୍ଜନ ମଳିକ, ଶିକ୍ଷାବିତ୍ ବାବୁଲା ରାଉତ, ତୁଷାରକାନ୍ତି ପରିଡା ପ୍ରମୁଖ ଉପସ୍ଥିତ ଥିଲେ।



# ଖେଳ





ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Monday January 16, 2023 ଭୁବନେଶ୍ୱର, ସୋମବାର, ଜାନୁଆରୀ ୧୬,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ମହର୍ଷି ମହେଶ ଯୋଗୀଙ୍କ ଜୟନ୍ତୀ ପାଳିତ





**ଭୁବନେଶ୍ୱର,(ପି.ଏନ):** ସ୍ଥାନୀୟ ନୟାପଲ୍ଲିସ୍ଥିତ ମହର୍ଷି ପବ୍ଲିକ ସ୍କୁଲର ଛାତ୍ର/ଛାତ୍ରୀ, ଶିକ୍ଷକ/ଶିକ୍ଷୟତ୍ରୀ ଓ ଅଭିଭାବକମାନଙ୍କ ଦ୍ୱାରା ବିଶ୍ୱ ବିଖ୍ୟାତ ବୈଜ୍ଞାନିକ ସନ୍ଥ, ଭାବାତିତ ଧ୍ୟାନ ଯୋଗ, ସିଦ୍ଧି ଓ ବେଦବିଜ୍ଞାନର ପ୍ରବର୍ତ୍ତକ ମହର୍ଷି ମହେଶ ଯୋଗୀଙ୍କ ୧୦୬ତମ ଜନ୍ମ ଦିବସ ବୈଦିକ ପଣ୍ଡିତମାନଙ୍କ ଦ୍ୱାରା ଗୁରୁ ପୁଜନ ସହ ସମାପନ ହୋଇଅଛି । ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ନିର୍ଦ୍ଦେଶିକା ଶ୍ରୀମତୀ ହେନା ମହାପାତ୍ର ପରମ ପୂଜ୍ୟ ମହର୍ଷି ମହେଶ ଯୋଗୀଙ୍କ ଜୀବନୀ ଓ ଦର୍ଶନ ଉପରେ ଆଲୋକପାତ କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ ସହ ଉତ୍ସବ ସମାପନ ହୋଇଥିଲା ।

## ବାରିପଦା ମହର୍ଷି ପବ୍ଲିକ ସ୍କୁଲରେ ମହର୍ଷିଙ୍କ ଜନ୍ମ ଜୟନ୍ତୀ ଓ ବିଜ୍ଞାନ ମେଳା



**ବାରିପଦା(ପିଏନ) :** ସ୍ଥାନୀୟ ମହର୍ଷି ପବ୍ଲିକ ସ୍କୁଲ ପରିସରରେ ପ୍ରତିଷ୍ଠାତା ମହର୍ଷି ମହେଶ ଯୋଗୀଙ୍କ ୧୦୬ତମ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରଥମେ ଅଶୋକ କୁମାର କର ସାମୂହିକ ଗୁରୁପୂଜା କରିଥିଲେ । ମୁଖ୍ୟ ଅତିଥି ଭାବେ ଓସ୍ତା ସଂଘର ମୟୁରଭଞ୍ଜ ସଂପାଦକ ଚିତ୍ତରଂଜନ ପଲତା ଯୋଗ ଦେଇ ଶିକ୍ଷାକୁ ଆଗକୁ ନେବାକୁ ହେଲେ ଶିକ୍ଷକ, ଛାତ୍ର ଓ ଅଭିଭାବକଙ୍କର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରିଥିଲେ । ପରେ ପିଲାମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

ଏହି ଅବସରରେ ପିଲାମାନଙ୍କ ଦ୍ୱାରା ୨୩ଗୋଟି ବିଜ୍ଞାନ ପ୍ରକଳ୍ପଓ ୧୫୦ରୁ ଉର୍ଦ୍ଧ୍ୱ ଆର୍ଟ ଏବଂ କ୍ରାଫଅଟ କରାଯାଇଥିଲା । ଗ୍ରାମ ପଞ୍ଚାୟତ ହାଇସ୍କୁଲ, ଚନ୍ଦନପୁରର ବିଜ୍ଞାନ ଶିକ୍ଷକ ଚିତ୍ତରଂଜନ ପାଳତା, ଆର.କେ.ସି ହାଇସ୍କୁଲ, ଭୂଆସୁଣୀର ବିଜ୍ଞାନ ଶିକ୍ଷକ ନୟକ କୁମାର ଗିରି ଓ ବାରିପଦା କଲେଜର ଇଂରାଜୀ ଅଧ୍ୟାପିକା ଶ୍ରୀମତୀ କଳ୍ପନା କବାଟ ସମୀକ୍ଷକ ଭାବେ ଯୋଗ ଦେଇ ପ୍ରତ୍ୟେକ ପ୍ରକଳ୍ପକୁ ସମୀକ୍ଷା କରିବା ସହ ପିଲାମାନଙ୍କୁ ପ୍ରଶଂସା କରିଥିଲେ । ପ୍ରକଳ୍ପକୁ ତିନୋଟି ପର୍ଯ୍ୟାୟରେ ଭାଗ କରାଯାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଓ କଂଶୋଲସନରେ ଥିବା ପ୍ରକଳ୍ପର ପିଲାମାନଙ୍କୁ ସାର୍ଟିଫିକେଟ୍ ସହ ଅର୍ଥରାଶି ପୁରସ୍କୃତ କରିଥିଲେ । ପିଲାମାନଙ୍କ ଦ୍ୱାରା ଆୟୋଜିତ ଫୁଡଷ୍ଟଲର ମଜା ମଧ୍ୟ ସମସ୍ତେ ଉଠାଇଥିଲେ ।

ଶେଷରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କାଜଲ କାନ୍ତି ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ମିନି, ସବଜୁନିଅର ର୍ୟାଙ୍କିଂ ପ୍ରତିଯୋଗିତା ଉଦଯାପିତ



**ବଲାଙ୍ଗୀର,(ପିଏନ):** ସ୍ଥାନୀୟ ପିଆର ହାଇସ୍କୁଲ ବ୍ୟାଡମିଣ୍ଟନ ଇନଡୋର ଷ୍ଟାଡିଅମ ଠାରେ ଅନୁଷ୍ଠିତ ରାଜ୍ୟ ମିନି ଓ ସବ ଜୁନିଅର ବ୍ୟାଡମିନ୍ଟନ ର୍ୟାଙ୍କିଂ ପ୍ରତିଯୋଗିତା ଆଜି ଉଦଯାପିତ ହୋଇଯାଇଛି । ସାରା ରାଜ୍ୟ ୯୬ ଜଣ ପ୍ରତିଯୋଗୀ ତଥା ୧୧୫ ଗୋଟି ପ୍ରତିଯୋଗିତା ପାଇଁ ଦୁଇ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାର ଶେଷ ଦିନରେ ସେମି ଓ ଫାଇନାଲ ଅନୁଷ୍ଠିତ ହୋଇଥିଲା । ୯ ବର୍ଷ ବର୍ଗରେ ବିହାନ, ୧୧ ବର୍ଷ ବାଳକ ବର୍ଗରେ ଆଇ.ଏମ.ସାହୁ, ବାଳିକା ବର୍ଗରେ ସାନଭି, ୧୫ ବର୍ଷ ବାଳକ ଏକକ ବିଭାଗରେ ବାପୁନ ରାଉତ, ବାଳିକା ବିଭାଗରେ ଅଂଶିକା ବିରୋତ, ୧୭ବର୍ଷ ବାଳକ ଏକକ ବିଭାଗରେ ଜ୍ୟୋତିସୁର୍ଯ୍ୟ ପରମାଣୀକ ଓ ବାଳିକା ବିଭାଗରେ ଗୀତାଶ୍ରୀ ଦେ ଫାଇନାଲ ମ୍ୟାଚରେ ବିଜୟ ମୁକୁଟ ଲାଭ କରିଛନ୍ତି ।

ଉଦଯାପନୀ ଉତ୍ସବର ମୁଖ୍ୟ ଅତିଥି ତଥା ବରିଷ୍ଠ ଆଇନଜିବୀ ଅମରେନ୍ଦ୍ର ମିଶ୍ର ଯୋଗ ଦେଇ ନିଜ ବକ୍ତବ୍ୟରେ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଏଭଳି ଉଚ୍ଚମାନର ଖେଳ ଜାରି ରହିଲେ ଅଗାମୀ ଦିନରେ ବଲାଙ୍ଗିର ଓ ଓଡିଶା ଜାତୀୟ ସ୍ତରରେ ଉଚ୍ଚତମ ସ୍ଥାନ ହାସଲ କରିବ ବୋଲି କହିଥିଲେ । ସମ୍ମାନୀତ ଅତିଥି ବର୍ଷିୟାନ ବ୍ୟାଡମିନ୍ଟନ ଖେଳାଳି ପ୍ରକାଶ ପଟ୍ଟନାୟକ, ଶିକ୍ଷାବିତ ତଥା ଲେଖକ ପ୍ରହଲ୍ଲାଦ ଦର୍ଜୀ ଉଭୟ ଖେଳାଳି ଓ ଆୟୋଜକଙ୍କ ପ୍ରଶଂସା କରିଥିଲଏ । ସିଏସି ଅଧ୍ୟକ୍ଷ ମନୋରଞ୍ଜନ ଦାସ, ରେଫରି ଲକ୍ଷ୍ୟପତି ନନ୍ଦ, ଡେପୁଟି ରେଫରି ଜୟନ୍ତ ମିଶ୍ର ପ୍ରତିଯୋଗିତା ପରିଚାଳନା କରିଥିଲେ । ଅତିଥିମାନଙ୍କ ସହ ଜିଲ୍ଲା ସଭାପତି ଗୋପାଳ ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା ଓ ପ୍ରତିଯୋଗିତାର ସାଙ୍ଗଠନିକ ସମ୍ପାଦକ ସୁରୁଲାଲ ମାଟାରୀ ଖେଳାଳିମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ ।

ପ୍ରଥମ ଦିନ ସମୁଦାୟ ୮୫ ଗୋଟି ମ୍ୟାଚ କରାଯିବା ପରେ ଆଜି ବିଭିନ୍ନ ବିଭାଗର ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ୯ବର୍ଷ ବାଳକ ଏକକ ବର୍ଗରେ ବିହାନ ସାମନ୍ତ ରାଏ ଓ ସାଇ ଆଶିଷ ମଧ୍ୟରେ ଫାଇନାଲ ମ୍ୟାଚରେ ବିହାନ ବିଜୟ ଲାଭ କରିଥିଲେ । ୧୧ ବର୍ଷ ବାଳକ ଏକକ ବର୍ଗରେ ଆଇ ଏମ ସାହୁ ଓ ପ୍ରଦ୍ୟୁମ୍ନ ସାମଲ ମଧ୍ୟରେ ରୋମାଞ୍ଚକର ଫାଇନାଲରେ ଆଇ.ଏମ ସାହୁ ବିଜୟୀ ହୋଇଥିଲେ । ୧୧ ବର୍ଷ ବାଳିକା ଏକକ ବର୍ଗରେ ଲକ୍ଷ୍ମିପ୍ରୀୟା ଓ ସାନଭି ମଧ୍ୟରେ ଫାଇନାଲ ଦଙ୍ଗଲରେ ସାନଭି ବିଜୟ ଲାଭ କରିଥିଲେ । ୧୫ବର୍ଷ ବାଳକ ଏକକ ବିଭାଗର ଫାଇନାଲ ମ୍ୟାଚ ବାପୁନ ରାଉତ ଓ ସମ୍ୟଜିତ ସାହୁ ମଧ୍ୟରେ ହୋଇଥିବାବେଳେ ବାପୁନ ବିଜୟ ମୁକୁଟ ପିନ୍ଧିଥିଲେ । ୧୫ବର୍ଷ ବାଳିକା ଏକକ ବିଭାଗର ଫାଇନାଲ ମ୍ୟାଚ ରେ ଅଂଶିକା ବିରୋତ ଓ ମିନିଷା ଓଝା କଡା ଟକ୍କରରେ ଅଂଶିକା ବିରୋତ ବାଜି ଜିତି ଯାଇଥିଲେ । ୧୫ ବର୍ଷ ବାଳିକା ଯୁଗଳ ବିଭାଗରେ ନିମିଷା - ସ୍ୱାତୀ ଓ ଅଂଶିକା- ଇପ୍ସିତା ଙ୍କ ଯୋଡି ମଧ୍ୟରେ ହୋଇଥିବା ଫାଇନାଲ ମ୍ୟାଚରେ ନିମିଷା- ସ୍ୱାତୀ ଯୋଡି ଫାଇନାଲ ଜିତି ଯାଇଥିଲେ । ୧୫ ବର୍ଷ ବାଳକ ଯୁଗଳ ବିଭାଗ ଫାଇନାଲରେ ନାଥାନିଏଲ- ଓଜୋଜୀତ ଓ ହ୍ରୀଆନ- ଜୟକୃଷ୍ଣ ମଧ୍ୟରେ ହୋଇଥିବା ଟକ୍କରରେ ହ୍ରୀଆନ-ଜୟକୃଷ୍ଣଙ୍କ ଯୋଡି ବିଜେତା ହୋଇଥିଲେ । ୧୭ବର୍ଷ ବାଳକ ଏକକ ବିଭାଗର ଫାଇନାଲକୁ ଜ୍ୟୋତିସୁର୍ଯ୍ୟ ଓ ବଲାଙ୍ଗିର ର ଦିବ୍ୟମ କେଜ୍ରିୱାଲ ପହଞ୍ଚିଥିବା ବେଳେ ଜ୍ୟୋତିସୁର୍ଯ୍ୟ ପରମାଣିକ ବିଜୟ ଲାଭ କରିଥିଲେ । ୧୭ ବର୍ଷ ବାଳକ ଯୁଗଳ ବିଭାଗରେ ଶ୍ରୀୟାଂଶ-ଶୁଭ୍ରକେତନ ଙ୍କ ଯୋଡିକୁ ବାପୁନ- ଦିବ୍ୟକେତନଙ୍କ ଯୋଡି ଫାଇନାଲରେ ମାତ ଦେଇଥିଲେ । ୧୭ ବର୍ଷ ବାଳିକା ଏକକ ବର୍ଗର ଫାଇନାଲ ମ୍ୟାଚରେ ଗୀତାଶ୍ରୀ ଦେ , ଅଶ୍ୱିକା ମିଶ୍ରଙ୍କୁ ମାତ ଦେଇଥିଲେ । ସେହିପରି ମିକ୍ସ ଡବଲ କେଟାଗୋରିରେ ଶ୍ରୀଜିତ ବେନାର୍ଜି - ଗୀତାଶ୍ରୀ ଦେ ଙ୍କ ଯୋଡି କୁ ଶୁଭ୍ରକେତନ ମଲ୍ଲିକ ଓ ସ୍ୱିଟି ପ୍ରଧାନ ପରାଜିତ କରି ଫାଇନାଲ ବିଜୟ ଲାଭ କରିଥିଲେ ।

## ସମ୍ବଲପୁର ରେଳମଣ୍ଡଳରେ ଭିତ୍ତିଭୂମି ବିକାଶ କାର୍ଯ୍ୟ



**ସମ୍ବଲପୁର,(ପିଏନ):** ଭାରତ ସରକାର ଦେଶରେ ଲଜିଷ୍ଟିକ ଭିତ୍ତିଭୂମିକୁ ବୃଦ୍ଧି କରିବା ପାଇଁ ପ୍ରୋତ୍ସାହନ ଦେଉଥିବାରୁ ରେଳବାଇ ଏହାର ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଏହାକୁ ପୂରଣ କରିବା ପାଇଁ ପୂର୍ବତଟ ରେଳପଥ, ସମ୍ବଲପୁର ରେଳ ମଣ୍ଡଳ ପୁରୁଣା ବ୍ରିଜ୍ ଗୁଡିକର ପୁନଃ ନିର୍ମାଣ, ଲେଭେଲ କ୍ରସିଙ୍ଗ ଗେଟ୍ ଗୁଡିକୁ ହଟାଇବା ଏବଂ ଉଭୟ ରେଳ ଏବଂ ସଡକ ବ୍ୟବହାରକାରୀଙ୍କ ନିରାପତ୍ତା ପାଇଁ ସୀମିତ ଉଚ୍ଚତା ବିଶିଷ୍ଟ ଉପମାର୍ଗ ନିର୍ମାଣ ଭଳି ଭିତ୍ତିଭୂମି ବିକାଶ କାର୍ଯ୍ୟ ଉପରେ ଧ୍ୟାନ ଦେଉଛି ।

ଏହାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ, ସମ୍ବଲପୁର ରେଳ ମଣ୍ଡଳ ଆରସିସି (ରିଇନ୍ଫୋର୍ଡ ସିମେଣ୍ଟ କଂକ୍ରିଟ୍) ବକ୍ସ ବ୍ରିଜ୍ ସହିତ ସାତଗୋଟି ପୁରୁଣା ଷ୍ଟୋନ୍ ସ୍ଲାବ୍ ବ୍ରିଜର ନବୀକରଣ ଓ ପୁନଃ ନିର୍ମାଣ କରାଯାଉଅଛି । ସମ୍ବଲପୁର ମଣ୍ଡଳର ଟିଟିଲାଗଡ-ଆରଙ୍ଗ ମହାନଦୀ ସେକ୍ସନର ମହାସମୁନ୍ଦ-ଆରଣ୍ଡ ଷ୍ଟେସନ ମଧ୍ୟରେ ବ୍ରିଜ୍ ସଂଖ୍ୟା ୮୮, ୯୧ ଏବଂ ୯୨ ତଥା ଆରଣ୍ଡ-ଭୀମଖୋଜ ଷ୍ଟେସନ ମଧ୍ୟରେ ବ୍ରିଜ୍ ସଂଖ୍ୟା ୧୦୩, ୧୦୮, ୧୦୬ ଏବଂ ୧୧୦କୁ ପୁନଃ ନିର୍ମାଣ କରାଯାଉଅଛି । ଏହା ଟ୍ରାକର ଅଧିକ ନିରାପତ୍ତା ସୁନିଶ୍ଚିତ କରିବା ସହିତ ୨୫ ଟି ଆକ୍ସଲ ରୋଡ ଟ୍ରେନ୍ ଚଳାଇବା ପାଇଁ ସହାୟକ ହେବ ।

ଯାତ୍ରୀ ତଥା ସଡକ ବ୍ୟବହାରକାରୀଙ୍କ ନିରାପତ୍ତା ପାଇଁ ସମସ୍ତ ଲେଭେଲ କ୍ରସିଙ୍ଗ ଗୁଡିକୁ ହଟାଇବା ଏବଂ ପର୍ଯ୍ୟାୟକ୍ରେ ସୀମିତ ଉଚ୍ଚତା ବିଶିଷ୍ଟ ଉପମାର୍ଗ ଯୋଗାଇବା ପାଇଁ ସମ୍ବଲପୁର ମଣ୍ଡଳ ସବୁବେଳେ ପ୍ରୟାସ କରିଆସୁଛି । ଏହି ପ୍ରକାରରେ ମଣ୍ଡଳରେ ସମ୍ବଲପୁର-କେରେଜାଙ୍ଗ ସେକ୍ସନର ହାତୀବାରୀ-ଯୁଯୁମୁରା ଷ୍ଟେସନ ମଧ୍ୟରେ ତଥା ସମ୍ବଲପୁର-ଝାରସୁଗୁଡା ରୋଡ ସେକ୍ସନର ଲପଙ୍ଗା-ବୃନ୍ଦାମାଳ ଷ୍ଟେସନ ମଧ୍ୟରେ ମାନବଯୁକ୍ତ ଲେଭେଲ କ୍ରସିଙ୍ଗ ବଦଳରେ ୨ଗୋଟି ସୀମିତ ଉଚ୍ଚତା ବିଶିଷ୍ଟ ଉପମାର୍ଗ ସଫଳତାର ସହ ନିର୍ମାଣ କରାଯାଇଅଛି । ସେହିପରି ଯାତ୍ରୀ ତଥା ସଡକ ବ୍ୟବହାରକରୀଙ୍କ ନିରାପତ୍ତା ପାଇଁ ଟିଟିଲାଗଡ-ଆରଙ୍ଗ ମହାନଦୀ ସେକ୍ସନର ହରିଶଙ୍କର ରୋଡ-ଲଖନା ଷ୍ଟେସନ ମଧ୍ୟରେ ମାନବଯୁକ୍ତ ଲେଭେଲ କ୍ରସିଙ୍ଗ ସଂଖ୍ୟା ଆର୍‌ଭି-୯୪କୁ ବନ୍ଦ କରିଦିଆଯାଇଛି ଏବଂ ସୀମିତ ଉଚ୍ଚତା ବିଶିଷ୍ଟ ଉପମାର୍ଗ ଯୋଗାଇ ଦିଆଯାଇଅଛି ।


MAHARISHI PLAY SCHOOL
Nurturing awareness Moulding Future

ADMISSION OPEN FOR

PLAY GROUP (2+) to Onwards
A great Place to grow @ MPS
Laugh Play Learn Share

Call now for Application:
25% reservition as per RTE Act (2009)

MAHARISHI PUBLIC SCHOOL
N-3 B/14-15, IRC Village,
Nayapalli, Bhubaneswar
PH. 2558884 / 2550786 / 8984600700 (M)
E-mail : maharishipublic13@yahoo.com

Find us on facebook.com/maharishiplayschool
FOLLOW US ON TWITTER twitter.com/maharishiplayschool



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray